■ ଚିକିଟିପେଣ୍ଠର ପି. ନାଗେଶ୍ୱରଙ୍କ ଘରୁ ଚୋରି ଘଟଣା

# ଚେନ୍ନାଇରୁ ବନ୍ଧାହେଲେ କ୍ରେତା; ସୁନାଗହଣା ଜବତ

**ବ୍ରହ୍ମପୁର,୧୩।୬(ସମିସ):** ଗତ ଫେବୃୟାରୀ ୨୫ ତାରିଖ ବିଳମ୍ବିତ ରାତିରେ ସ୍ଥାନୀୟ ଚିକିଟିପେଣ୍ଠ ନିବାସୀ ପି ନାଗେଶ୍ୱର ସୁବୁଦ୍ଧିଙ୍କ ଘରୁ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଗହଣା ଓ ନଗଦ ୧୦ ହଜାର ଚୋରି ହୋଇଥିବା ନେଇ କେ ନୂଆଗାଁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା । ପରେ ପୁଲିସ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ସୁଶାନ୍ତ ବେହେରାକୁ ଗିରଫ କରି ତଥ୍ୟ ବାହାର କରିଥିଲା । ସେ ଉକ୍ତ ସୁନାକୁ ଚୋରି କରି ନେଇ ବାଇଲଡୁ ସେଠି ନାମକ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଥିବା କହିଥିଲା । ସେହିକ୍ରମେ ପୁଲିସ ବାଇଲଡୁଙ୍କ ମୋବାଇଲ ନମ୍ବରକୁ ଟ୍ରାକିଂ କରିଥିଲା । ବାଇଲଡୁଙ୍କ ଲୋକେସନ ପ୍ରଥମେ ଉତ୍ତରପ୍ରଦେଶ ଦେଖାଇଥିଲା । ପରବର୍ତ୍ତୀ ସମୟରେ ଚେନ୍ନାଇରେ ଦେଖାଇଥିଲା । ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ ଚେନ୍ନାଇରେ ପହଞ୍ଚି ଦୁଇ ଦିନ ଧରି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ତିରୁପୁର ଅଞ୍ଚଳରେ ଅଭିଯୁକ୍ତ ବାଇଲଡୁକୁ କାବୁ କରିବାରେ ସଫଳ ହୋଇଥିଲା । ଏହାସହ ଅଭିଯୁକ୍ତ ବାଇଲଡୁଙ୍କଠାରୁ ପୁଲିସ ୨୦୦ଗ୍ରାମ ସୁନା ଗହଣା ଓ ନଗଦ କିଛି ଟଙ୍କା ଜବତ କରିଥିଲା । ଏହି ମାମଲାରେ ଦୁଇ ନାବାଳକ ମଧ୍ୟ ବନ୍ଧା ହୋଇଥିବା ଜଣାପଡିଛି । ସେମାନଙ୍କୁ ପୁଲିସ ବୁଧବାର ଜୁବେନାଇଲ ଜଷ୍ଟିସ ବୋର୍ଡରେ ହଜାର କରିଥିଲା । ସେହିପରି ନୂଆପଡ଼ା ନିବାସୀ ବାଇଲଡୁ ସେଠୀ(୪୦)କୁ ପୁଲିସ କୋର୍ଟ ଚାଲାଣ କରିଛି । ସେ ଚେନ୍ନାଇରେ ରହି କାମ କରୁଥିବା ପୁଲିସ କହିଛି । ସୂଚନାଯୋଗ୍ୟ ଯେ, ଚିକିଟିପେଣ୍ଠ ନିବାସୀ ପି ନାଗେଶ୍ୱର ସୁବୁଦ୍ଧିଙ୍କ ଘରୁ ଗତ ଫେବୃୟାରୀ ୨୫ତାରିଖ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଙ୍କ ଘରେ ପଶି ଆଲମାରୀ ଭାଙ୍ଗି ସେଥିରେ ଥିବା ୪୦ରୁ ୫୦ଲକ୍ଷ ଟଙ୍କାର ସୁନା ଗହଣା ଓ ନଗଦ ୧୦ ହଜାର ଟଙ୍କା ଚୋରି ହୋଇଥିବା ନେଇ ୨୬ତାରିଖରେ ଥାନାରେ ସେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରିଥିଲା । ତଦନ୍ତ ବେଳେ ଚିକିଟିଗଡ଼ର ସୁଶାନ୍ତ ବେହେରା ଓ ତାଙ୍କର କିଛି ସହଯୋଗୀ ଉକ୍ତ ଘଟଣାର ସମ୍ପୃକ୍ତ ଥିବା ପୁଲିସ ଜାଣିବାକୁ ପାଇଥିଲା । ସେହିକ୍ରମେ ପୁଲିସ ସୁଶାନ୍ତଙ୍କୁ ଉଠାଇ ଆଣି ପଚାରଉଚରା କରି ଘଟଣାର ପର୍ଦ୍ଦାଫାସ କରିଥିଲା । ବର୍ତ୍ତମାନ ଏହି ଘଟଣାର ତଦନ୍ତ ଜାରି ରଖିଛି ପୁଲିସ । ଯାହାର ସମ୍ପୃକ୍ତି ଥିବା ସୂଚନା ମିଳିବ ପୁଲିସ ତାକୁ ଗିରଫ କରିବ ବୋଲି କହିଛି ।

**ଜେଜେବିରେ ହାଜର ହେଲେ ଦୁଇ ନାବାଳକ**

**ପୂର୍ବରୁ ଗିରଫ ହୋଇଥିଲା ମୁଖ୍ୟ ଅଭିଯୁକ୍ତ**

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଦିଲୀପଙ୍କ ପରିବାର



**ଖଲ୍ଲିକୋଟ,୧୩।୬(ସମିସ):** ରାଜ୍ୟ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସହ ଆଲୋଚନା କରିଛନ୍ତି ମୃତ ଦିଲୀପ ପାହାନଙ୍କ ପରିବାର । ଖଲ୍ଲିକୋଟ ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣଶରଣପୁର ଗ୍ରାମରେ ରାଜନୈତିକ ହିଂସାର ଶିକାର ହୋଇଥିବା ମୃତ ଦିଲୀପଙ୍କ ପରିବାରକୁ ବିଜେପି ତରଫରୁ ଶପଥ ସମାରୋହରେ ଯୋଗ ଦେବା ପାଇଁ ସ୍ୱତନ୍ତ୍ର ନିମନ୍ତ୍ରଣ ହୋଇଥିଲା । ବୁଧବାର ସନ୍ଧ୍ୟାରେ ଜନତା ମୈଦାନରେ ଆୟୋଜିତ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ସମାରୋହରେ ସାମିଲ ହୋଇଥିଲେ ଦିଲୀପଙ୍କ ପରିବାର । ତେବେ ଶପଥ ଗ୍ରହଣ ସମାରୋହ ସରିବା ପରେ ଲୋକସେବା ଭବନଠାରେ ରାତି ୯ଟାରେ ଦିଲୀପଙ୍କ ପରିବାର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ଦିଲୀପଙ୍କ ହତ୍ୟାକାରୀଙ୍କୁ କଠୋର ଦଣ୍ଡ କିପରି ମିଳିବ ସେ ନେଇ ଅନୁରୋଧ କରିଥିଲେ । ଏହି ଅବସରରେ ଦିଲୀପଙ୍କ ବାପା ରାମଚନ୍ଦ୍ର ପାହାନ, ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ପୋଲସରା ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବିଜେପି ନେତ୍ରୀ ଭାରତୀ ବେହେରା, ବିଜେପି ନେତା ଅନୀଲ କୁମାର ପଣ୍ଡା, ଯଜ୍ଞନାରାୟଣ ଦାଶ, ଅରୁଣ ପଣ୍ଡା, ଶମ୍ଭୁନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଆସ୍ପୃହା ମଣ୍ଡଳର ଶିକ୍ଷକ ସମ୍ମିଳନୀ



**ଖଲ୍ଲିକୋଟ,୧୩।୬(ସମିସ):** ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ଆସ୍ପୃହା ମଣ୍ଡଳ ଶିକ୍ଷକ ସମ୍ମିଳନୀ ବୁଧବାର ଉଦଯାପିତ ହୋଇଯାଇଛି । ଆଜିର ଉଦଯାପନ ଉତ୍ସବରେ ବିଭିନ୍ନ ବିଭାଗରେ ଶିକ୍ଷଦାନ କରିଥିବା ମୁଖ୍ୟ ପ୍ରଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖ୍ୟତଃ ଇଂରାଜୀ, ଓଡ଼ିଆ, ସଂସ୍କୃତ, ଗଣିତ ଓ ବିଜ୍ଞାନର ମୁଖ୍ୟ ପ୍ରଶିକ୍ଷକ ଭାବେ ପ୍ରଦୀପ୍ତ କୁମାର ପାଣିଗ୍ରାହୀ, ସ୍ୱପ୍ନଲତା ମହାପାତ୍ର, ଲକ୍ଷ୍ମୀବାଇ ଦଳାଇ, ଅଜିତ କୁମାର ନାୟକ, ରାଜେନ୍ଦ୍ର ପ୍ରସାଦ ପଣ୍ଡା, ନରେନ୍ଦ୍ର କୁମାର ଦାସ ଏବଂ ପ୍ରକୃତି ବନ୍ଧୁ ସୁକାନ୍ତ ଚନ୍ଦ୍ର ଚୌଧୁରୀ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପାଦନ କରିଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ସମ୍ମିଳନୀ ରେ ଯୋଗଦେଇଥିବା ଅପା ଓ ଭାଇମାନଙ୍କ ଦ୍ୱାରା ଶୋଭାଯାତ୍ରା ମାଧ୍ୟମରେ ଜଙ୍ଗଲ ସୁରକ୍ଷା ଜଳ ନିୟନ୍ତ୍ରଣ, ପ୍ଲାଷ୍ଟିକ ବର୍ଜନ ଏବଂ ପରିବେଶ ପରିମଳ ସକାଶେ ଜନ ସଚେତନତା ସୃଷ୍ଟି କରାଯାଇଥିଲା । ଆସ୍ପୃହା ମଣ୍ଡଳର ଶିକ୍ଷା ସଂଯୋଜକ ମନୋଜ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲ୍ଲା ସଂଗଠକ ଲକ୍ଷ୍ମୀଚରଣ ଦାଶ, ରାମଚନ୍ଦ୍ର ପରିଡ଼ା, ଶିବରାମ ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସୂଚାରୁ ରୂପେ ସମ୍ପନ୍ନ ହୋଇଥିଲା । ପ୍ରାକ୍ତନ ଅଧ୍ୟକ୍ଷ ଅମୂଲ୍ୟ କୁମାର ମିଶ୍ର ସମସ୍ତଙ୍କୁ କୃତଜ୍ଞତା ଅର୍ପଣ କରିଥିଲେ ।

## ସାହସପୁରରେ ଗୋଷ୍ଠୀ ସଂଘର୍ଷ; ଜଣେ ଆହତ

**ଆସିକା,୧୩।୬(ସମିସ):** ଆସିକା ଥାନା ସାହସପୁର ଗାଁରେ ବୁଧବାର ରାତିରେ ଗୋଷ୍ଠୀ ସଂଘର୍ଷ ଘଟି ଜଣେ ଆହତ ହୋଇଛନ୍ତି । ଆହତ ଜଣଙ୍କ ହେଲେ ସୁରେଶ ଜେନା । ତେବେ ସଂଘବଦ୍ଧ ଆକ୍ରମଣର କାରଣ ଅସ୍ପଷ୍ଟ ଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ ଗୋଷ୍ଠୀ ସଂଘର୍ଷ ହୋଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି । ଉଭୟ ପକ୍ଷରୁ ଦଶ ଜଣଙ୍କ ନାଁରେ ଆସିକା ଥାନା କେସନଂ ୪୬୯/୨୪ ଏବଂ ୪୭୦/୨୦୨୪ରେ ଏକ ମାମଲା ରୁଜୁ କରି ପୁଲିସର ତଦନ୍ତ ଜାରି ରହିଛି ।

## ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ବେଲଗୁଣ୍ଠା,୧୩।୬(ସମିସ):** ଗୁରୁବାର ବେଲଗୁଣ୍ଠା ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଗ୍ରୀଷ୍ମକାଳୀନ ବ୍ୟାଡମିଣ୍ଟନ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । ଶିବିରଟି ଏକମାସ ଧରି ଚାଲିଥିଲା । ପ୍ରଶିକ୍ଷକ ବିକ୍ରମ କେଶରୀ ପଣ୍ଡାଙ୍କ ସୂଚନା ମୁତାବକ ଶିବିରରେ ୮ ବର୍ଷରୁ ୧୬ ବର୍ଷ ବୟସର ୩୯ ଜଣ ପ୍ରଶିକ୍ଷାର୍ଥି ଅଂଶଗ୍ରହଣ କରିଥିଲେ । ଉଦଯାପନୀ ଉତ୍ସବରେ ଅତିଥି ଭାବେ ସୁଣ୍ଡୁମୁସର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ଡା ପବିତ୍ର କୁମାର ସାହୁ ଏବଂ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ କ୍ରୀଡାବିତ୍ ମାନସ ରଞ୍ଜନ ରାଉଳ ଯୋଗ ଦେଇ କ୍ରୀଡାବିତ୍ ମାନଙ୍କୁ ଉତ୍ସାହିତ କରିବା ସହିତ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଆଗାମୀ ଦିନରେ ଏହି ଅଞ୍ଚଳରୁ ପ୍ରଶିକ୍ଷଣ ନେଇ ଜିଲ୍ଲା ତଥା ରାଜ୍ୟ ସ୍ତର ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ କ୍ରୀଡାବିତ୍ ମାନେ ଶ୍ରେଷ୍ଠ ପ୍ରଦର୍ଶନ କରି ନିଜ ଗାଁ ମାଟି ପାଇଁ ସୁନାମ ଅର୍ଜନ କରିବେ ବୋଲି ମୁଖ୍ୟ ଅତିଥି ଶ୍ରୀ ସାହୁ ପ୍ରକାଶ କରିଥିଲେ । ଜିମ ପ୍ରଶିକ୍ଷକ ପବିତ୍ର ପ୍ରସାଦ ପତି ଧନ୍ୟବାଦ ଅର୍ପଣ କରିଥିଲେ ।

ମା’ ରାମାୟଣାମ୍ମାଙ୍କ ଯାତ୍ରା

## ଆଗ୍ରାହରମ ସାହିରେ ଘଟ ପରିକ୍ରମା



**ଛତ୍ରପୁର,୧୩।୬(ସମିସ):** ଛତ୍ରପୁରର ଅଧିଷ୍ଠାତ୍ରୀ ଦେବୀ ମା’ ରାମାୟଣାମ୍ମାଙ୍କ ଠାକୁରାଣୀ ଯାତ୍ରା ଗୁରୁବାର ୧୮ ଦିନରେ ପହଞ୍ଚିଛି । ମା’ଙ୍କ ଯାତ୍ରା ଲାଗି ଛତ୍ରପୁର ସହର ଉତ୍ସବ ମୁଖର ହୋଇପଡିଛି । ସହରର ବିଭିନ୍ନ ସ୍ଥାନରେ କଳାକୁଞ୍ଜ ନିର୍ମାଣ କରାଯାଇଛି । କଳା କୁଞ୍ଜ, ଆଲୋକ ଶଯ୍ୟା ଏବଂ ବିଭିନ୍ନ ମାନସିକଧାରୀଙ୍କ ବେଶ ଗୁଡିକୁ ଦେଖିବା ପାଇଁ ଛତ୍ରପୁର ସହର ସମେତ ଆଖପାଖ ଅଞ୍ଚଳର ବହୁ ଜନ ସାଧାରଣ ଭିଡ ଜମାଇଥିବା ଦେଖିବାକୁ ମିଳିଛି । ଅସ୍ଥାୟୀ ମଣ୍ଡପରେ ମା’ ରାମାୟଣାମ୍ମାଙ୍କୁ ଦର୍ଶନ କରିବା ଲାଗି ମଧ୍ୟ ଶ୍ରଦ୍ଧାଳୁ ମାନେ ଭିଡ ଜମାଇଥିବା ଦେଖିବାକୁ ମିଳିଛି । ପ୍ରତ୍ୟେକ ସନ୍ଧ୍ୟାରେ ମା’ଙ୍କ ଘଟ ସହରର ବିଭିନ୍ନ ସାହିକୁ ପରିକ୍ରମା କରି ଭକ୍ତଙ୍କ ଠାରୁ ଭୋଗ ଗ୍ରହଣ କରିଥାନ୍ତି । ଗୁରୁବାର ୧୮ ଦିନରେ ମା’ଙ୍କ ଘଟ ଆଗ୍ରାହରମ ସାହି ପରିକ୍ରମା କରି ସାହି ବାସିନ୍ଦା ମାନଙ୍କ ଏବଂ ପ୍ରଭାକର ରାଓ ଠାରୁ ଭୋଗ ଗ୍ରହଣ କରିଛନ୍ତି । ମା’ଙ୍କ ଘଟ ସମ୍ମୁଖରେ ବିଭିନ୍ନ ଦେବାଦେବୀଙ୍କ କଣ୍ଢେଇ ନାଚ, ବାଘ ନାଚ, କାଳୀ ନୃତ୍ୟ ଦର୍ଶକ ମାନଙ୍କ ମନ ମୋହିଛି । ସମସ୍ତ କାର୍ଯ୍ୟକ୍ରମକୁ ଯାତ୍ରା କମିଟି ମ୍ୟାନେଜର ସିଏଚ୍. ଦୟାନନ୍ଦ ରେଡ୍ଡୀ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଏବଂ ସଦସ୍ୟ ମାନେ ସହଯୋଗ କରିଥିଲେ ।

## ରାସ୍ତା ମଝିରେ ଗର୍ତ୍ତ; ବିପଦକୁ ନିମନ୍ତ୍ରଣ



**ବୁଗୁଡ଼ା,୧୩।୬(ସମିସ):** ସ୍ଥାନୀୟ ମଦନ ମୋହନ ଛକରୁ ବଡଦାଣ୍ଡକୁ ଯିବା ବାଟରେ ମିଲ୍ ସମ୍ମୁଖରେ କଂକ୍ରିଟ ପ୍ଲେଟ୍ ଭାଙ୍ଗି ଯାଇଥିବା ଫଳରେ ରାସ୍ତା ମଝିରେ ଏକ ଗର୍ତ୍ତ ସୃଷ୍ଟି ହୋଇ ଦୁର୍ଘଟଣାର କାରଣ ପାଲଟିଛି । ଏଠାକାର ଏନ଼୍ଏସି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବା ଏହି ବିପଦଜନକ ଗର୍ତ୍ତ ଯୋଗୁଁ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ସାମାନ୍ୟ ଅସାବଧାନତା ହେଲେ ସାଇକେଲ ଓ ବାଇକ୍ ଆରୋହୀ ଏହି କଣାରେ ପଡି ଦୁର୍ଘଟଣାର ଶିକାର ହେଉଛନ୍ତି । ରାତ୍ରୀକାଳରେ ବିଦ୍ୟୁତ୍ କାଟ ସମୟରେ ପଥଚାରୀଙ୍କ ଗୋଡ ସେହି ଗର୍ତ୍ତ ମଧ୍ୟରେ ଗଳି ପଡୁଥିବାରୁ ଆହତ ହେଉଛନ୍ତି । ଗତ ସପ୍ତାହରେ ରାତିରେ ସେହି ଗର୍ତ୍ତରେ ଏକ ଗାଈର ଗୋଡ ପଶିଯାଇ ଭାଙ୍ଗି ଯାଇଥିବା ବେଳେ ଗୁରୁବାର ଅପରାହ୍ନରେ ଜନୈକା ଯୁବତୀ ସେହି ଗର୍ତ୍ତ ଯୋଗୁଁ ଦୁର୍ଘଟଣାର ଶିକାର ହୋଇଛନ୍ତି । ତେଣୁ ରାସ୍ତା ମଧ୍ୟସ୍ଥ ସେହି ବିପଦପୂର୍ଣ୍ଣ ଗର୍ତ୍ତ ପ୍ରତି ପ୍ରତିକାର ବ୍ୟବସ୍ଥା କରିବାକୁ ଏନ଼୍ଏସି ପ୍ରଶାସନ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି ।




## ପଦ୍ମନାଭପୁରରେ ରକ୍ତଦାନ ଶିବିର



**ଦିଗପହଣ୍ଡି,୧୩।୬(ସମିସ):** ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ରକ୍ତ ଭଣ୍ଡାରରେ ଆବଶ୍ୟକ ରକ୍ତର ଅଭାବକୁ ଦୃଷ୍ଟିରେ ରଖି ସରପଞ୍ଚ ପ୍ରତିନିଧି ବି. କ୍ରିଷ୍ଣାରାଓ ସୁବୁଦ୍ଧିଙ୍କ ନେତୃତ୍ୱରେ ବୁଧବାର ବିଳମ୍ବିତ ସନ୍ଧ୍ୟାରେ ଆୟୋଜିତ ଶିବିରରେ ୩୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ପ୍ରଥମେ ଏମ୍ . ଭାଗ୍ୟ ରେଡ୍ଡୀ ଏବଂ ଦୁଇ ଭିନ୍ନକ୍ଷମ ଯୁବକ ସୁଶାନ୍ତ ପ୍ରଧାନ, ୟୁ ଗୁରୁମୂର୍ତ୍ତି ରକ୍ତଦାନ କରି ଶିବିର ଶୁଭାରମ୍ଭ କରିଥିଲେ । ଗ୍ରାମର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଶିବିରରେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ରକ୍ତଦାନର ମହତ୍ୱ ସମ୍ପର୍କରେ ସଚେତନତା କରାଯିବା ସହ ବିଭିନ୍ନ ସମୟରେ ରକ୍ତର ଅଭାବ ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ହାନି ଘଟୁଥିବାରୁ ତାହାକୁ ଦୃଷ୍ଟିରେ ରଖି ପଞ୍ଚାୟତ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯାଇଛି ବୋଲି ସରପଞ୍ଚ ପ୍ରତିନିଧି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ବ୍ରହ୍ମପୁର ରକ୍ତ ଭଣ୍ଡାରର କର୍ମଚାରୀ ମାନେ ଉପସ୍ଥିତ ରହି ଶିବିର ପରିଚାଳନା କରିଥିବା ବେଳେ ପୂର୍ବତନ ସମିତି ସଭ୍ୟ ସୁଶାନ୍ତ କୁମାର ସେଠୀ, ନୀଳମାଧବ ବେହେରା, ଏଲ୍. କୃଷ୍ଣ , ସଞ୍ଜୀବ ପାତ୍ର, ସୁବାଷ ରେଡ୍ଡୀ, ଏନ୍. ମୋହନ ରେଡ୍ଡୀଙ୍କ ସମେତ ପଞ୍ଚାୟତର ବହୁ ସଂଖ୍ୟକ ଯୁବକ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

**ଆଜି ପହିଲି ରଜ**

## ରାସ୍ତାକଡ଼ରେ ଭଳିକି ଭଳି ଦୋଳିର ପସରା

**ଖଲ୍ଲିକୋଟ,୧୩।୬(ସମିସ):** ରାତି ପାହିଲେ ପହିଲି ରଜ । ଝିଅ ମାନଙ୍କର ପ୍ରଧାନ ଉତ୍ସବ ରଜ । ଏଣ୍ଡୁରି ପିଠା ସାଙ୍ଗକୁ ତରକାରୀ ଓ ରଜ ପାନ ସମସ୍ତଙ୍କର ପ୍ରିୟ ଖାଦ୍ୟ ହୋଇଯାଏ ଏହି ରଜ ଉତ୍ସବରେ । ଖାଲି ସେତିକି ନୁହେଁ ଏ ସବୁ ଭିତରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରେ ରଜ ଦୋଳି । ରଜ ଦୋଳି ଝଟ ମଟ ଗୀତ ଗାଇ ଝିଅ ମାନେ ଦୋଳିରେ ବସି ଆନନ୍ଦରେ ରଜ ଉତ୍ସବ ପାଳନ କରନ୍ତି । ରଜ ପାଇଁ ସୁଦୂର ଆନ୍ଧ୍ର ପ୍ରଦେଶରୁ ଆସି ଦୋଳି ବେପାରରେ ଲାଗିଛନ୍ତି ଯୁବ ବେପାରୀ । ଖଲ୍ଲିକୋଟ, ବେଗୁନିଆପଡା, କୋଦଳା ଅଞ୍ଚଳର ମୁଖ୍ୟ ରାସ୍ତା ପାଶ୍ୱର୍ରେ ଲମ୍ବା ଦଉଡି ବାନ୍ଧି ଦଉଡ଼ିରେ ଦୋଳି ଓହଳାଇ ଗ୍ରାହକଙ୍କୁ ଆକର୍ଷଣ କରିଥାନ୍ତି ଏହି ବ୍ୟବସାୟୀ । ପ୍ଲାଷ୍ଟିକ ଓ କଟନ ଦୋଳି ଏମାନେ ବିକ୍ରି କରୁଥିବା ବେଳେ ମୂଲ୍ୟ ୧୦୦ ରୁ ୧୨୦ ଟଙ୍କା ରହିଛି । ଦିନକୁ ପାଖାପାଖି ୧୦ରୁ ୧୫ଟି ଦୋଳି ବିକ୍ରି କରାଯାଉଥିବା ବେଳେ କେବେ କେବେ ଏହାର ସଂଖ୍ୟା କମେ ବୋଲି ଆନ୍ଧ୍ର ପ୍ରଦେଶରୁ ଆସିଥିବା ଯୁବ ବ୍ୟବସାୟୀ ୱାଇ. ରାମ ପ୍ରକାଶ କରିଛନ୍ତି । ଏହି ଦୋଳିକୁ ଝିଅ ମାନେ ଘର ଭିତରେ ବାନ୍ଧି ଛୋଟ ପିଲା ଦୋଳି ଖେଳୁଥିବା ବେଳେ ବାଉଁଶ ତିଆରି ବଡ ଦୋଳି ବାହାରେ ବାନ୍ଧି ବଡ ଝିଅ ଓ ମହିଳା ମାନେ ଦୋଳି ଖେଳିବାକୁ ପସନ୍ଦ କରନ୍ତି । ତା ସହିତ ଲମ୍ବା କତା ଦଉଡି ବାନ୍ଧି ମଧ୍ୟ ଦୋଳି ଖେଳିଥାନ୍ତି ମହିଳା । ପ୍ରତ୍ୟେକ ବର୍ଷ ଆନ୍ଧ୍ରରୁ ଦୋଳି ବେପାରୀ ଓଡିଶା ଆସି ବିଭିନ୍ନ ସହର କିମ୍ବା ଗ୍ରାମାଞ୍ଚଳରେ ପହଞ୍ଚି ରାସ୍ତା ପାଶ୍ୱର୍ରେ ଏହି ଦୋଳି ବେପାର କରୁଥିବା ବେଳେ ଲୋକଙ୍କ ମଧ୍ୟରେ ଏହି ଦୋଳିର ଚାହିଦା ଅଧିକ ରହିଥିବା ଦେଖିବାକୁ ମିଳୁଛି ।

**ପ୍ଲାଷ୍ଟିକ ଓ କଟନ ଦୋଳିର ଚାହିଦା ଅଧିକ**





# ସ୍ୱମନ୍ଦିର ଫେରିଲେ ମା' କନକ ଦୁର୍ଗା

**ବ୍ରହ୍ମପୁର, ୧୩।୬(ସମିସ):** ଦୁଇବର୍ଷକୁ ଥରେ ଆୟୋଜିତ ଆଙ୍କୁଲିର ମା' କନକ ଦୁର୍ଗା ବୁଢ଼ୀ ଠାକୁରାଣୀ ଯାତ୍ରା ଶେଷ ହୋଇଛି। ଗୁରୁବାର ସକାଳେ ମା' ସ୍ୱମନ୍ଦିର ପହଞ୍ଚିଛନ୍ତି। ଏହି ସମୟରେ ସମଗ୍ର ଅଞ୍ଚଳରେ ଆଧାତ୍ମିକ ପରିବେଶ ଦେଖା ଦେଇଥିଲା। ଘଟ ଯିବାବେଳେ ସମସ୍ତଙ୍କ ଆଖିରେ ଆଖିଏ ଲୁହ ଓ କୋହ ଦେଖିବାକୁ ମିଳିଥିଲା। ଘଟ ଧରିଥିବା ମାନସିକଧାରୀ ମଧ୍ୟ କାନ୍ଦି ପକାଇଥିଲେ। ବାପ ଘରକୁ ଯେମିତି ଝିଅଟିଏ ଆସେ ଓ ଗଲାବେଳେ କାନ୍ଦିପକାଏ। ସେଭଳି ଦୃଶ୍ୟ ଏଠାରେ ଅବଲୋକନ କରାଯାଇଥିଲା। ବୁଧବାର ରାତିରେ ନୀତିନୀୟମ ଅନୁଯାୟୀ ପୂଜାର୍ଚ୍ଚନା ସରିବା ପରେ ମଧ୍ୟରାତ୍ରିରେ ମା'ଙ୍କ ଘଟ ବିଭିନ୍ନ ସାହି ପରିକ୍ରମା କରିଥିଲା।



ଏହା ପରେ ମା' ସ୍ୱ ମନ୍ଦିର ବିଜେ କରିଥିଲେ। ମା'ଙ୍କୁ ବିଦାୟ ବେଳେ ସମସ୍ତେ ଭାବବିହ୍ୱଳ ହୋଇ ଯାଇଥିଲେ। ଚଳିତବର୍ଷ ମାଁଙ୍କ ଯାତ୍ରା ଗତ ୨୯ତାରିଖରେ ଆରମ୍ଭ ହୋଇଥିଲା। ଦୀର୍ଘ ୧୫ ଦିନ ବ୍ୟାପି ସମଗ୍ର ଅଞ୍ଚଳ ଉତ୍ସବ ମୁଖର ଥିଲା। ପ୍ରତି ସାହିରେ କଳାକୁଞ୍ଜ ସାଙ୍ଗକୁ ବିଭିନ୍ନ ମାନସିକଧାରି ବେଶ ମଧ୍ୟ ଦେଖିବାକୁ ମିଳିଥିଲା। ଅସ୍ଥାୟୀ ପୀଠରେ ପ୍ରତିଦିନ ମାନସିକଧାରୀ ଦାତାଙ୍କ ଦ୍ୱାରା ଭୋଗ ଓ ୧୦୮ ସନ୍ଧ୍ୟା ଆଳତୀ କରାଯାଉଥିଲା। ସନ୍ଧ୍ୟା ଆଳତୀ ସମୟରେ ବହୁ ଶ୍ରଦ୍ଧାଳୁଙ୍କ ଆଳତୀ ଦେଖିବାକୁ ଭିଡ ଜମୁଥିଲା। ବୁଧବାର ମଧ୍ୟ ରାତ୍ରିରେ ମାଁଙ୍କ ଘଟ ଅସ୍ଥାୟୀ ପୀଠରୁ ବାହାରି ଘଣ୍ଟଥଳ, ସିଂଘ ବାଜା, ବାଘ ଷଣ୍ଢ ନାଚ, ଚଇତି ଘୋଡା ନାଚ, ଆତସବାଜି ବିରାଟ ପଟୁଆରରେ ବାହାରି ଅଞ୍ଚଳରେ ପରିକ୍ରମଣ କରି, ବାପଘର ଭାର ନେଇ ସକାଳ ୬ଘଣ୍ଟିକା ସମୟରେ ସ୍ଥାପୀ ପୀଠରେ ବିଜେ କରିଥିଲେ।

# ବ୍ରହ୍ମପୁରର ଦୁଃଖ ବାହାନା ନାଳ

**ବ୍ରହ୍ମପୁର, ୧୩।୬(ସମିସ)**

ରେଶମ ସହର ବ୍ରହ୍ମପୁର ପାଇଁ ଦୁଃଖ ସହର ମଧ୍ୟଦେଇ ପ୍ରବାହିତ ହେଉଥିବା ବାହାନା ନାଳ। ବାହାନା ନାଳର ଦୁଇ ଶାଖା ନାଳ ଯଥା ସାପୁଆ ଓ ସୂର୍ଯ୍ୟ ବା ଧୋବା ନାଳ ଯୋଗୁଁ ବର୍ଷା ଦିନରେ ସହରବାସୀଙ୍କ ଚିନ୍ତା ବଢ଼ିଯାଉଛି। ସହର ମଧ୍ୟରେ ଦିର୍ଘ ୧୨କିଲୋମିଟର ପ୍ରବାହିତ ହେଉଛି ଏହି ବାହାନା ନାଳ ଓ ତାହାର ଦୁଇ ଶାଖା ନାଳ। ଡ୍ରେନେଜ ବିଭାଗ ଅଧିନରେ ଥିବା ଏହି ନାଳର ନିୟମିତ ରକ୍ଷଣାବେକ୍ଷଣ ଅଭାବ କାରଣରୁ ପ୍ରତିବର୍ଷ ବର୍ଷା ଦିନରେ ସହରର ନାଳ ସଂଲଗ୍ନ ଖାଲୁଆ





- ଆଗାମୀ ବର୍ଷା ଦିନରେ ସମ୍ଭାବ୍ୟ କୃତ୍ରିମ ବନ୍ୟାକୁ ନେଇ ଚିନ୍ତାରେ ସହରବାସୀ
- ବର୍ଷା ଦିନ ପୂର୍ବରୁ ବିଏମ୍‌ସି ବୈଠକ ଡାକିବାକୁ ବୁଦ୍ଧିଜୀବୀଙ୍କ ମହଲରେ ଦାବି
- ଜୁନ୍ ସୁଦ୍ଧା ବାହାନା ନାଳ ସମେତ ସାପୁଆ ଓ ଧୋବା ନାଳର ହେବ ପୁନରୁଦ୍ଧାର: ନିର୍ବାହୀ ଯନ୍ତ୍ରୀ

ଅଞ୍ଚଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଲୋକଙ୍କୁ ଜଳବନ୍ଦୀ ହୋଇ ରହିବାକୁ ପଡୁଛି। ଏପରିକି ଅତୀତରେ ସମ୍ପୃକ୍ତ ଅଞ୍ଚଳରେ ଡଙ୍ଗା ପଡ଼ିବା ଭଳି ସ୍ଥିତି କାହାକୁ ଅଛପା ମଧ୍ୟ ନାହିଁ। ଏଭଳି ପରିସ୍ଥିତିରେ ଆଗକୁ ବର୍ଷା ଦିନ। ଜୁନ ୮ତାରିଖରେ ଯଦିଓ ମୌସୁମୀ ଓଡ଼ିଶାକୁ ଛୁଇଁ ସାରିଛି ତଥାପି ରାଜ୍ୟର ଦୁଇ ଜିଲ୍ଲାକୁ ଛାଡି ଅନ୍ୟ କେଉଁ ଜିଲ୍ଲାକୁ ଅଗ୍ରସର ହୋଇପାରିନି ମୌସୁମୀ। ଆଗାମୀ ୫ଦିନ ପରେ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ମୌସୁମୀ ଅଗ୍ରସର ହେବା ନେଇ ପାଗ ଅନୁକୂଳ ରହିଥିବା ଆକଳନ କରିଛି ପାଣିପାଗ ବିଭାଗ। ସହରରେ ଅଣଓସାରିଆ ରାସ୍ତାଘାଟ ସହିତ ସଂକୀର୍ଣ୍ଣ ନାଳ ଥିବା ବେଳେ ଅଧିକାଂଶ ସ୍ଥାନରେ ଏହାର ଜବରଦଖଲ ଯୋଗୁଁ ନାଳନର୍ଦ୍ଦମା ସଫା ହୋଇପାରୁ ନାହିଁ। ସେପଟେ ସହରମଧ୍ୟଦେଇ ପ୍ରବାହିତ ହେଉଥିବା ବାହାନା ନାଳ ଓ ଏହାର ଦୁଇ ଶାଖା ନାଳକୁ ବିଭିନ୍ନ ସ୍ଥାନରେ ଜବରଦଖଲ କରାଯାଇଥିବା କାରଣରୁ ତାହାର ସଠିକ ରକ୍ଷଣାବେକ୍ଷଣ ମଧ୍ୟ କରାଯାଇପାରୁ ନାହିଁ। ଏଭଳି ପରିସ୍ଥିତିରେ ଆଗାମୀ ବର୍ଷାଦିନରେ ସହରର ପରିସ୍ଥିତି କଣ ଯେ ରହିବ ତାକୁ ନେଇ ସହରବାସୀ ଚିନ୍ତାରେ। ଏଥିପାଇଁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ତୁରନ୍ତ ବୈଠକ ଡାକି ଆଗୁଆ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ସହର ମଧ୍ୟ ଦେଇ ପ୍ରବାହିତ ହୋଇଥିବା ୧୨କିଲୋମିଟର ଦୂରତ୍ୱ ବିଶିଷ୍ଟ ବାହାନା ନାଳକୁ ନିୟମିତ ରକ୍ଷଣାବେକ୍ଷର କରିବା ଦାୟିତ୍ୱ ଡ୍ରେନେଜ ବିଭାଗର। ତେବେ ଏହି ବାବଦରେ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ହେଁ ତାହା କେବଳ ଧର୍ମକୁ ଆଖିଠାର ସଦୃଶ ହେଉଥିବା ଅଭିଯୋଗ ହୋଇଛି। ଫଳରେ ବାହାନା ନାଳ ବିଭିନ୍ନ ସ୍ଥାନରେ ପୋତି ହେବାକୁ ବସିଲାଣି ତ ଆଉ କେଉଁଠି ଦଳ ଓ ପଙ୍କରେ ପରିପୂର୍ଣ୍ଣ ହୋଇସାରିଛି। ଯାହାଫଳରେ ବର୍ଷା ଆସିଲେ ନାଳରେ ବର୍ଷାଜଳ ପ୍ରବାହିତ ହେବାତ ଦୂରର କଥା ଏଠାରୁ ସହର ବାହାରକୁ ନିଷ୍କାସନ ହେବା ମଧ୍ୟ ଅସମ୍ଭବ। ଏଣୁ ବର୍ଷା ଦିନ ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ ବାହାନା ନାଳର ପୁନଃରୁଦ୍ଧାର କାର୍ଯ୍ୟ ହାତକୁ ନିଆନଗଲେ ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଥୟ। ଏନେଇ ଡ୍ରେନେଜ ବିଭାଗ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁ ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରାଯିବାରେ ସେ ନିଜର ପ୍ରତିକ୍ରିୟା ରଖିଛନ୍ତି। ବାହାନା ନାଳ ସମେତ ତାହାର ଦୁଇ ଶାଖା ନାଳର ନିୟମିତ ରକ୍ଷଣାବେକ୍ଷଣ ଜାରି ରହିଛି। ତେବେ ନିଶ୍ଚିତ ପକ୍ଷେ ବିଭିନ୍ନ ସ୍ଥାନରେ ଜବରଦଖଲ ଯୋଗୁଁ ସମସ୍ୟା ଉପୁଜୁଛି। ଆଗାମୀ ବର୍ଷା ଦିନକୁ ଦୃଷ୍ଟି ରଖି ନାଳର ପୁନଃରୁଦ୍ଧାର ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲେ ହେଁ ଆଦର୍ଶ ନିର୍ବାଚନ ଆଚରଣ ବିଧି ଯୋଗୁଁ ତାହା ସମ୍ଭବପର ହୋଇନଥିଲା। ବର୍ତ୍ତମାନ ଆଚରଣ ବିଧି ଉଠିଯିବା ପରେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ୧୨କିଲୋମିଟର ନାଳର ପୁନଃରୁଦ୍ଧାର ପାଇଁ ମୋଟ ୧୫ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି। ଯାହା ୨୫ତାରିଖରେ ଖୋଲାଯିବ। ୨୬ରେ ଲଟେରୀ ଓ ୨୭ତାରିଖରେ କାର୍ଯ୍ୟାଦେଶ ଦେଇ ଜୁନ୍ ଶେଷ ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁ ପାଣିଗ୍ରାହୀ ସ୍ପଷ୍ଟ କରିଛନ୍ତି। ୫ଦିନ ମଧ୍ୟରେ ମୌସୁମୀ ବର୍ଷା ସମଗ୍ର ଜିଲ୍ଲାରେ ପ୍ରବେଶ କରିବାକୁ ଥିବା ବେଳେ ଜୁନ୍ ଶେଷ ସୁଦ୍ଧା ନାଳ ର ପୁନଃରୁଦ୍ଧାର କାର୍ଯ୍ୟ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛି ଡ୍ରେନେଜ ବିଭାଗ। ଦେଖିବାକୁ ବାକି ରହିଲା ବର୍ଷା ଆଗ ଆସୁଛି କି ନାଳର ପୁନଃରୁଦ୍ଧାର କାର୍ଯ୍ୟ ପ୍ରଥମେ ଆରମ୍ଭ ହେଉଛି। ତାହାପରେ ପୁଣି ବର୍ଷା ଆସି ଯାଇଥିଲେ ନାଳର ପୁନଃରୁଦ୍ଧାର କାର୍ଯ୍ୟ ଅଧପନ୍ତରିଆ ଭାବେ ରହିଯିବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି।

# ପାଣି ମିଟର ଚୋରି କରି ଜଣେ ଗିରଫ

**ବ୍ରହ୍ମପୁର, ୧୩।୬(ସମିସ):** ପାଣି ମିଟର ଚୋରି କରିଥିବା ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଏସକେ. ଆସିଫ୍(୨୨)। ସୂଚନାଯୋଗ୍ୟ ଯେ, ପ୍ରଶାସନ ପକ୍ଷରୁ ପିଏଚଡ଼ି ପାଣି ମିଟର ସହରର ସମସ୍ତ ଘରେ ଲଗାଯାଇଛି। ଗତ ଜାନୁୟାରୀ ୩ତାରିଖରେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ପୁରୁଣା ବ୍ରହ୍ମପୁର ନରସିଂହ ନଗର ସାହିର କେତେକ ଘରକୁ ପାଣି ମିଟର ଚୋରି କରି ନେଇଥିବା ନେଇ ଅମୀୟ କୁମାର ସାହୁ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ବୁଧବାର ଉପରୋକ୍ତ ଅଭିଯୁକ୍ତକୁ ଗିରଫ କରିବା ସହ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ଏସଆଇ ରଞ୍ଜିତ କୁମାର ଦାଶ ସୂଚନା ଦେଇଛନ୍ତି।

# ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଆଞ୍ଚଳିକ ଉପ-ନିର୍ଦ୍ଦେଶକଙ୍କ ମାତୃ ବିୟୋଗ

**ବ୍ରହ୍ମପୁର, ୧୩।୬(ସମିସ):** ବ୍ରହ୍ମପୁରସ୍ଥିତ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପ-ନିର୍ଦ୍ଦେଶକ ସୁଶାନ୍ତ ଦାସଙ୍କ ମାତା ମେନକା ଦାସଙ୍କର ଗତ ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ତିଥି, ସକାଳ ୭.୧୫ରେ ପରଲୋକ ଘଟିଛି। ତାଙ୍କୁ ୭୧ ବର୍ଷ ବୟସ ହୋଇଥିଲା। ପୂର୍ବରୁ ତାଙ୍କ ସ୍ୱାମୀ ପ୍ରଫୁଲ୍ଲ କୁମାର ଦାସଙ୍କ ଦେହାନ୍ତ ହୋଇ ଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ସୁଶାନ୍ତ ଦାସଙ୍କ ସମେତ ତିନି ପୁତ୍ର ଓ ଏକମାତ୍ର କନ୍ୟା ଉପସ୍ଥିତ ଥିଲେ। ମେନକା ଦାସଙ୍କ ତିରୋଧାନରେ କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଅନ୍ତର୍ଗତ ଧାନମଣ୍ଡଳ ଗ୍ରାମରେ ଶୋକର ଲହରି ଖେଳି ଯାଇଛି। ଶ୍ରୀମତୀ ଦାସଙ୍କ ତିରୋଧାନ ଖବର ମିଳିବା ପରେ କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।



ପ୍ରାରମ୍ଭରେ ଦିବଂଗତ ଆତ୍ମାର ଶାନ୍ତି ଓ ସଦଗତି ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଉପସ୍ଥିତ ସଦସ୍ୟମାନେ ପରଲୋକଗତ ଆତ୍ମା ଉଦ୍ଦେଶ୍ୟରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଶୋକାକୁଳ ପରିବାର ପରିଜନଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଥିଲେ। ସାହିତ୍ୟ ସମାଜ ପକ୍ଷରୁ ଏକ ଶୋକପ୍ରସ୍ତାବ ଆଗତ କରାଯାଇଥିଲା। ଏହି ଶୋକସଭାରେ ଡ. କୃଷ୍ଣପ୍ରସାଦ ମହାପାତ୍ର, ଡ. କୁଳମଣି ଓଝା, ଅନୁପ କୁମାର ମିଶ୍ର, ଡ. ଶରତ କୁମାର ଜେନା, ଡ. ହୃଷୀକେଶ ପଣ୍ଡା, ଡ. ସଞ୍ଜୟ କୁମାର ପଣ୍ଡା, ଡ. ଅଶୋକ କୁମାର ପଣ୍ଡା, ଡ. ନୃସିଂହାନନ୍ଦ ଶାସମଲ, ଦୀନବନ୍ଧୁ ଶ୍ରୀପଲ୍ଲବ, ନଳିନୀକାନ୍ତ ଗୌଡ଼ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗୀୟା ଆତ୍ମା ଉଦ୍ଦେଶ୍ୟରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# କୃଷ୍ଣଚନ୍ଦ୍ର ଦାସଙ୍କ ସ୍ମୃତିସଭା



**ବ୍ରହ୍ମପୁର, ୧୩।୬(ସମିସ):** ବହୁମୁଖୀ ସମାଜ ମଙ୍ଗଳ ଓ ସାଂସ୍କୃତିକ କେନ୍ଦ୍ରର ପୂର୍ବତନ ସଭାପତି ମହାନ ସମାଜସେବୀ ଓ ପରିବେଶ ପ୍ରେମୀ ସ୍ୱର୍ଗତ କୃଷ୍ଣଚନ୍ଦ୍ର ଦାସଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଡାକ୍ତର ସଙ୍କର୍ଷଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିଚାରଣ ସଭା ଆୟୋଜିତ ହୋଇଛି। ସଭାରେ ସମ୍ପାଦକ ମହମଦ ଆସଲାମଙ୍କ ସମେତ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ନୀଳକଣ୍ଠ ସାହୁ, ସୁବ୍ରତ ପୂଜାରୀ, ସୁନୀଲ କୁମାର ସାହୁ, ପାର୍ବତୀ ପ୍ରସାଦ ପାଢ଼ୀ, ପ୍ରଦୀପ କୁମାର ଶତପଥୀ, ମାନସ ରଞ୍ଜନ ପାତ୍ର, ରାମଚନ୍ଦ୍ର ଦାସ, ସୁଦର୍ଶନ ବିଷୋୟୀ, ମହେନ୍ଦ୍ର ସାହୁ, ଦେବୀ ପ୍ରସାଦ ମହାପାତ୍ର, କେ ରବି, ମିଳନ ସାହୁ ଏବଂ ସହରର ଅନେକ ବୁଦ୍ଧିଜୀବୀ ଯୋଗଦେଇ ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଓ ଶ୍ରଦ୍ଧା ସୁମନ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଆଜି ବିଶ୍ୱ ରକ୍ତଦାତା ଦିବସ

- ୩ ବର୍ଷରେ ସଂଗ୍ରହ ହୋଇଛି ୯୪ ହଜାର ୟୁନିଟ୍ ରକ୍ତ
- ୭୧୫ଟି ଶିବିରରେ ସଂଗ୍ରହ ହୋଇଛି ୫୪ ହଜାର ୟୁନିଟ୍
- ରକ୍ତଦାନ କ୍ଷେତ୍ରରେ ତିନିଗୁଣା ବଢ଼ିଛି ମହିଳା ଓ ଯୁବତୀଙ୍କ ସଂଖ୍ୟା

**ବ୍ରହ୍ମପୁର, ୧୩।୬(ସମିସ):** ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଜୁନ୍ ୧୪ ତାରିଖକୁ ବିଶ୍ୱ ରକ୍ତଦାନ ଦିବସ ଭାବେ ଘୋଷଣା କରିଛି। ୨୦୦୪ ମସିହାରୁ ଏହି ଦିବସ ପାଳିତ ହୋଇ ଆସୁଥିବା ବେଳେ ଏହାର ମୂଳ ଉଦ୍ଦେଶ୍ୟ ହେଉଛି ସୁରକ୍ଷିତ ରକ୍ତ ଦାନର ଆବଶ୍ୟକତା ବିଷୟରେ ସଚେତନତା ସହ ପ୍ରୋତ୍ସାହନ ସୃଷ୍ଟି କରିବା। ନୋବେଲ୍ ପୁରସ୍କାର ବିଜେତା କାର୍ଲ ଲ୍ୟାଣ୍ଡଷ୍ଟାଇନ୍‌ଙ୍କ ଜନ୍ମଦିନକୁ ବିଶ୍ୱସ୍ତରରେ ରକ୍ତଦାତା ଦିବସ ଭାବେ ପାଳନ କରାଯାଏ। ରକ୍ତର ବର୍ଗୀକରଣ କରିବାରେ ସେ ହେଉଛନ୍ତି ପ୍ରଥମ ବ୍ୟକ୍ତି। ରକ୍ତଦାନ ଯୋଗୁଁ ଲକ୍ଷାଧିକ ଲୋକଙ୍କ ଜୀବନ ରକ୍ଷା ହୋଇପାରୁଛି। ଅନ୍ୟପକ୍ଷରେ ରକ୍ତ ଅଭାବ ସମସ୍ୟାର ସମାଧାନ ପାଇଁ ସୁସ୍ଥ ବ୍ୟକ୍ତିମାନେ ନିୟମିତ ଭାବେ ରକ୍ତଦାନ କରିବା ଜରୁରୀ ହୋଇଥାଏ। ରକ୍ତଦାନ କଲେ ଜଣେ ଦୁର୍ବଳ ହୋଇଯିବ, ସବୁ ରୋଗ ତାକୁ ଅକାଳରେ ମାଡ଼ି ବସିବ ବୋଲି ଭୁଲ ଧାରଣାକୁ ମନରୁ ବାହାର ବିଭିନ୍ନ ସମୟରେ ଲୋକଙ୍କ ସଚେତନ କରାଯାଇଥାଏ। ବରଂ ରକ୍ତଦାନ କଲେ, ହୃଦ୍‌ରୋଗ ଦୂର ହୁଏ ଓ ସର୍କରାଜାତୀୟ ଅଂଶ ସନ୍ତୁଳିତ ହୋଇଥାଏ। ମନୁଷ୍ୟ ଶରୀରରେ ରକ୍ତର କୌଣସି ବିକଳ୍ପ ନ ଥିବାରୁ ରକ୍ତ ଦାନ ମାଧ୍ୟମରେ ଏହା ସଂଗ୍ରହ କରିବା ଜରୁରୀ ହୋଇପଡ଼ିଛି। ବିଭିନ୍ନ ଜରିଆରେ ସଚେତନ ବୃଦ୍ଧି ଯୋଗୁଁ ରକ୍ତଦାନ ମଧ୍ୟ ବଢ଼ିବାରେ ଲାଗିଛି। ସାଧାରଣତଃ କିଛି ବର୍ଷ ହେବେ ରକ୍ତଦାନ କ୍ଷେତ୍ରରେ ମହିଳାମାନଙ୍କ ମଧ୍ୟରେ ଆଗ୍ରହ ବଢୁଥିବା ଦେଖିବାକୁ ମିଳିଛି ବୋଲି ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗର ଦାୟିତ୍ୱରେ ଥିବା ଆସୋସିଏଟ ପ୍ରଫେସର୍ ଡ଼ା. ସବିତା ପଲାଇ କହିଛନ୍ତି। ଜଣେ ରକ୍ତ ଦାତାଙ୍କ ଶରୀରରେ ୧୨.୫ ଗ୍ରାମସ ପର ଡେସିଲିଟର ରକ୍ତ ରହିବା ଆବଶ୍ୟକ ରହିଛି। ସେହିପରି ୩୫୦ ଏମଏଲ ରକ୍ତ ସଂଗ୍ରହ ନିମନ୍ତେ ରକ୍ତଦାତାଙ୍କ ଓଜନ ୪୫ କେଜି ରହିବା ଆବଶ୍ୟକ ଥିବା ବେଳେ ୪୫୦ଏମଏଲ ରକ୍ତ ପାଇଁ ୫୫ କେଜି ରହିବା ଆବଶ୍ୟକ। ସେହିପରି ମହିଳା କିମ୍ବା ଯୁବତୀ ମାନଙ୍କ କ୍ଷେତ୍ରରେ ୪ମାସରେ ଥରେ ରକ୍ତଦାନ କରିପାରିବେ। ପୁରୁଷମାନେ ୩ମାସରେ ଥରେ ରକ୍ତ ଦାନ କରିପାରିବେ ବୋଲି ଡ଼ା. ପଲାଇ କହିଛନ୍ତି। ଅନ୍ୟପକ୍ଷରେ ଗତ ତିନି ବର୍ଷ ମଧ୍ୟରେ ଏମକେସିଜି ରକ୍ତଭଣ୍ଡାର ପକ୍ଷରୁ ମୋଟ ୯୪ହଜାର ୨୫୩ଟି ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ସେଥିମଧ୍ୟରୁ ୭୧୫ଟି କ୍ୟାମ୍ପ ଜରିଆରେ ମୋଟ ୫୪ହଜାର ୩୮ ଟି ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ୩ବର୍ଷ ମଧ୍ୟରେ ପୁରୁଷ ଓ ଯୁବକଙ୍କ ନିକଟରୁ ୯୧ହଜାର ୨୭୫ଟି ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ମହିଳା ଓ ଯୁବତୀ ମାନଙ୍କ ନିକଟରୁ ୨ହଜାର ୯୭୮ଟି ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ମହିଳା ଓ ଯୁବତୀଙ୍କଠାରୁ ୨୦୨୧ ମସିହାରେ ମୋଟ ୪୧୩ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ବେଳେ ୨୦୨୩ମହିସରେ ୧୨୯୧ଟି ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଗତ ୩ବର୍ଷ ମଧ୍ୟରେ ମହିଳା ଓ ଯୁବତୀଙ୍କ କ୍ଷେତ୍ରରେ ତିନିଗୁଣା ରକ୍ତ ଦାନ ସଂଖ୍ୟା ବଢ଼ିଛି। ଏମକେସିଜି ମେଡ଼ିକାଲ ରକ୍ତ ଭଣ୍ଡାର ପକ୍ଷରୁ ବିଭିନ୍ନ ସମୟରେ ଘରୋଇ ଶିକ୍ଷାନୁଷ୍ଠାନ ଓ ଯୁବକଯୁବତୀଙ୍କୁ ରକ୍ତଦାନ ସମ୍ପର୍କରେ ସଚେତନ କରାଇବା ଦ୍ୱାରା ରକ୍ତାଦାତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଜଣାଯାଇଛି। ଟ୍ରାନସ୍‌ଫ୍ୟୁଜନ ପ୍ରଣାଳୀରେ ରକ୍ତଦାନ ଦ୍ୱାରା ଜୀବନ ନାଶକାରୀ ଅନେକ ରୋଗରୁ ଲୋକଙ୍କୁ ରକ୍ଷା କରାଯାଇପାରୁଛି। ଅନେକ ପ୍ରକାର ଜଟିଳ ଅସ୍ତ୍ରୋପଚାର ନିମିତ୍ତ ରକ୍ତର ଆବଶ୍ୟକତା ରହିଛି। ଏହି ରକ୍ତ ଅଭାବରେ ଅସ୍ତ୍ରୋପଚାର ହୋଇପାରିବ ନାହିଁ। ପୁଣି କୌଣସି ଦୁର୍ଘଟଣା ଜନିତ ରକ୍ତସ୍ରାବ କିମ୍ବା ଶିଶୁ ପ୍ରସବ ସମୟରେ ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ରୋଗୀ ମୃତ୍ୟୁମୁଖରେ ପଡ଼ିବାର ସମ୍ଭାବନା ଥିବାରୁ ସେଭଳି ସ୍ଥଳରେ ରୋଗୀପାଇଁ ରକ୍ତ ନିତାନ୍ତ ଆବଶ୍ୟକ ହୁଏ। ତେବେ ସୁରକ୍ଷିତ ରକ୍ତ ସହିତ ଉପଯୁକ୍ତ ଗ୍ରୁପର ରକ୍ତ ନ ମିଳିଲେ ତାହା ପୁଣି ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ। ଏଭଳି କ୍ଷେତ୍ରରେ ଗୋଟିଏ ମନୁଷ୍ୟ ଅନ୍ୟ ଏକ ମନୁଷ୍ୟକୁ ରକ୍ତଦାନ କରିବା ନିତ୍ୟାନ୍ତ ଆବଶ୍ୟକ ରହିଥାଏ।




### ଆବର୍ଜନା ସଂଗ୍ରହ ଦାୟିତ୍ୱରେ ଥିବା ସଂସ୍ଥାର ଅବହେଳା

# ନିୟମିତ ଆସୁନି ଗାଡ଼ି; ପଡ଼ି ରହୁଛି ଅଳିଆ

**ବ୍ରହ୍ମପୁର, ୧୩।୬(ସମିସ)**

ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସହରକୁ ସରସ ସୁନ୍ଦର କରିବାକୁ ପ୍ରୟାସ କରାଯାଉଛି। ସହରକୁ ଆବର୍ଜନା ଓ ଅଳିଆ ମୁକ୍ତ କରିବାକୁ ଉଦ୍ୟମ ହେଉଛି। ଏହିକ୍ରମରେ ବ୍ରହ୍ମପୁର ମହାନଗର ନିଗମର ସମସ୍ତ ୱାର୍ଡ଼ରେ ସଫେଇ ଅଭିଯାନକୁ ପ୍ରାଥମିକତା ଦିଆଯାଉଛି। ଘରର ଅଳିଆ, ଆବର୍ଜନା ଏଣେତେଣେ ନଫପାଡ଼ିବାକୁ କୁହାଯାଉଛି। ଏଗୁଡ଼ିକୁ ବିଇଏମସି ପକ୍ଷରୁ ସାହିକୁ ସାହି ବୁଲି ଆବର୍ଜନା ସଂଗ୍ରହ ଗାଡ଼ି ସଂଗୃହୀତ କରୁଛି। ଏନେଇ ମହାନଗର ନିଗମ ପକ୍ଷରୁ ସହରରେ ଆବର୍ଜନା ସଂଗ୍ରହ ଲାଗି ତିନୋଟି ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ସହରକୁ ୪ଟି ଜୋନରେ ବିଭକ୍ତ କରାଯାଇଛି। ଏହି ଜୋନ ଅନ୍ତର୍ଗତ ବିଭିନ୍ନ ୱାର୍ଡ଼ରେ ସଂସ୍ଥାଗୁଡ଼ିକ ଦାୟିତ୍ୱ ଦିଆଯାଇଛି। ଏମାନେ ଅଳିଆ ସଂଗ୍ରହ କରିବା ସହ ଅଞ୍ଚଳରେ ସଫେଇ କାର୍ଯ୍ୟ ହାତକୁ ନେଇଥାନ୍ତି। ହେଲେ ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ବିଗତ କିଛି ଦିନ ହେବ ନିୟମିତ ଆବର୍ଜନା ସଂଗ୍ରହ ନ ହେବା ଓ ଗାଡ଼ି ଯାଉନଥିବା ବିଭିନ୍ନ ସାହିରୁ ଅଭିଯୋଗ ହୋଇଛି। ବିଶେଷ କରି ୩୬, ୩୭, ୩୮ ଓ ୩୫ ନମ୍ବର ୱାର୍ଡ଼ରେ ଏହି ସମସ୍ୟା ଜଟିଳ ଥିବା ଜଣାଯାଇଛି। ଏହି ୱାର୍ଡ଼ମାନଙ୍କରେ ଅଳିଆ ଗାଡ଼ି ଉଚିତ ସମୟରେ ଆସୁନଥିବା ବେଳେ ଏଠାକାର ବିଭିନ୍ନ ଅଞ୍ଚଳରେ ପଡ଼ିଥିବା ଅଳିଆ ମଧ୍ୟ ନିୟମିତ ସଫେଇ ହେଉନଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

ଏପରି ଭାବେ ଅନେକ ୱାର୍ଡ଼ରେ ମଧ୍ୟ ସମାନ ଅବସ୍ଥା ପରିଲକ୍ଷିତ ହୋଇଛି। ଉପରୋକ୍ତ ୱାର୍ଡମାନଙ୍କରୁ ବିଭିନ୍ନ ସମୟରେ ଅଳିଆ ସଂଗ୍ରହ ଓ ସଫେଇ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ହେଁ ଦାୟିତ୍ୱରେ ଥିବା ସଂସ୍ଥାର ଏଥିପ୍ରତି ତିଳେ ମାତ୍ର ଧ୍ୟାନ ନଥିବା ସ୍ପଷ୍ଟ ହୋଇଛି। ୩୮ ୱାର୍ଡ଼ ଅନ୍ତର୍ଗତ ଲାଞ୍ଜିପଲ୍ଲୀ ମୁଖ୍ୟ ଛକ ତଥା ଖଳା ସାହିରେ ଗତ ଏକମାସ ପୂର୍ବେ ନାଳ ସଫେଇ କରାଯାଇଥିଲା। ତା ପରେ ଯେମିତି ଅଳିଆ ରାସ୍ତାରେ ପକାଯାଇଥିଲା ତାହା ଏଯାବତ ସେମିତି ହିଁ ରହିଛି। ଦିନେ ଦୁଇଦିନ ବ୍ୟବଧାନରେ ସଫେଇ କର୍ମଚାରୀ ଆସି ରାସ୍ତାକଡ଼ର ଅଳିଆ ଆବର୍ଜନା ସଫା କରାଯାଉଥିଲେ ହେଁ ଏହି ଅଳିଆ ପ୍ରତି ଧ୍ୟାନ ଦିଆଯାଉନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ବିଇଏମସି ସାନିଟେସନ ଦାୟିତ୍ୱରେ ଥିବା ଅଧିକାରୀ ତଥା ଡ଼େପୁଟି କମିଶନର ଆଶୀର୍ବାଦ ପରିଡ଼ାଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି ଯେ, ସହରକୁ ୫ଟି ଜୋନରେ ବିଭକ୍ତ କରାଯାଇଛି। ଜୋନ ୪ଓ ୫ରେ ପିଏମଆରା ନାମକ ଏକ ସଂସ୍ଥା ଦାୟିତ୍ୱରେ ରହିଛି।

ସେହିଭଳି ଜୋନ ୧ ଓ ୨ରେ ପ୍ରତ୍ୟୁଷ ଏବଂ ଜୋନ ୩ରେ ପାରା ନାମକ ଏକ ସଂସ୍ଥା ଦାୟିତ୍ୱ ନେଇଥିବା ସେ କହିଛନ୍ତି। ତେବେ ବିଭିନ୍ନ ସମୟରେ ନିୟମିତ ଅଳିଆ ସଫେଇ ହେଉନଥିବା ନେଇ ଅଭିଯୋଗ ହେଉଛି। ଏଗୁଡ଼ିକ ସମୟକ୍ରମେ ସମାଧାନ ମଧ୍ୟ କରାଯାଉଛି। ସହରର ସଫେଇ ଉପରେ ବିଇଏମସି ବିଶେଷ ଦୃଷ୍ଟି ଦେଉଥିବା ବେଳେ ତ୍ରୁଟିକୁ ତୁରନ୍ତ ସମାଧାନ କରିବା ଲାଗି ପ୍ରାଧାନ୍ୟ ଦିଆଯାଉଥିବା ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ସହରରୁ ସଂଗୃହିତ ଅଳିଆ ଆବର୍ଜନା ଗୁଡ଼ିକ ମହୁଡ଼ା ସ୍ଥିତ ପ୍ଲାଣ୍ଟକୁ ନିଆଯାଉଛି। ସେଠାରେ ଜୈବିକ ଖତ ପ୍ରସ୍ତୁତ ହେଉଛି।




**ଅଭିଯୋଗ ଆସିଛି; ତୁରନ୍ତ ସମାଧାନ ହେବ: ବିଇଏମ୍‌ସି**



# ବ୍ରହ୍ମପୁର ରେଳ ଷ୍ଟେସନ୍‌ରୁ ଗଞ୍ଜେଇ ଜବତ; ୨ ଗିରଫ



**ବ୍ରହ୍ମପୁର, ୧୩।୬(ସମିସ):** ବ୍ରହ୍ମପୁର ରେଳ ଷ୍ଟେସନରୁ ଜିଆରପି ଏବଂ ଆରପିଏଫ ପୁଲିସ ଦୁଇ ଯୁବକଙ୍କ ନିକଟରୁ ଗଞ୍ଜେଇ ଜବତ କରି ସେମାନଙ୍କୁ ଗିରଫ କରିଛି। ଗିରଫ ଦୁଇଜଣ ହେଲେ କୋଦଳା ଥାନା ଅନ୍ତର୍ଗତ କରଣ ସାହିର ଶଙ୍କର ଜେନା(୨୧) ଓ ପୋଲସରା ତେନ୍ତୁଳିଆ ସାହିର କୁନା ଜେନା(୨୦) ବୋଲି ଥାନା ଅଧିକାରୀ ବିକାଶ ପଲାଇ ସୂଚନା ଦେଇଛନ୍ତି। ଏମାନଙ୍କ ନିକଟରୁ ପୁଲିସ ୪୩, ୯୯୫ଗ୍ରାମ ଗଞ୍ଜେଇ ଜବତ କରିଥିଲା। ସୂଚନାଯୋଗ୍ୟ ଯେ, ବୁଧବାର ଆରପିଏଫ ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ପ୍ଲାଟଫର୍ମ ୨ରେ ଦୁଇଜଣ ଯୁବକ ଠିଆ ହୋଇଥିବା ଦେଖିବାକୁ ପାଇଥିଲା। ସେମାନଙ୍କୁ ପଚରା ଉଚରା ବେଳେ ସେମାନେ ହାଇଦରାବାଦ ଯିବା ନିମନ୍ତେ ଠିଆ ହୋଇଥିବା ପୋଲିସକୁ କହିଥିଲେ। ପରେ ଯାଞ୍ଚ ବେଳେ ସେମାନଙ୍କ ବେଗ ରୁ ଗଞ୍ଜେଇ ରହିଥିବା ଦେଖିବାକୁ ମିଳିଥିଲା। ପରେ ଉଭୟ ଯୁବକ ଙ୍କୁ ଜିଆରପି ପୋଲିସ କୁ ହସ୍ତାନ୍ତର କରିଥିଲା।

# ରେଳଧାରଣାରୁ ମୃତଦେହ ଉଦ୍ଧାର

**ବ୍ରହ୍ମପୁର, ୧୩।୬(ସମିସ):** ବ୍ରହ୍ମପୁର ସରକାରୀ ରେଳବାଇ ଥାନା ଅନ୍ତର୍ଗତ ଗୋଳନ୍ଥରା ରେଳଷ୍ଟେସନ ନିକଟ ରେଳଧାରଣାରୁ ଆଜି ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିନଥିବା ବେଳେ ତାଙ୍କ ବୟସ ପାଖାପାଖି ୪୦ ହେବ ବୋଲି ଅନୁମାନ କରାଯାଉଛି। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ସେହି ବ୍ୟକ୍ତି ଜଣଙ୍କ କୌଣସି ଚଳନ୍ତା ଟ୍ରେନ୍‌ରୁ ଖସି ପଡ଼ିବା ପରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ପୁଲିସ ସନ୍ଦେହ କରୁଛି। ତାଙ୍କ ପରିଚୟ ସ୍ପଷ୍ଟ କରିବାକୁ ପୁଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି।

ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ଓ ଟେବୁଲ୍ ଟପ୍ ଅଭ୍ୟାସ ପ୍ରସ୍ତୁତି ବୈଠକ

# 'ସଠିକ୍ ପରିଚାଳନା ବିପର୍ଯ୍ୟୟ ମୁକାବିଲାରେ ସହାୟକ ହେବ'

ପାରଳାଖେମୁଣ୍ଡି, ୧୩।୬(ସମିସ)



ଗଜପତି ଜିଲ୍ଲାରେ ଚଳିତ ମାସ ୧୮ ଓ ୧୯ ତାରିଖ ଦିନ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ମକଡ୍ରିଲ ଅନୁଷ୍ଠିତ ହେବ। ଏହାର ପରିଚାଳନା କରିବା ନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଗଜପତି ଜିଲ୍ଲା ସବୁ ସମୟରେ ମୁକାବିଲା କରି ଜନଜୀବନ ସୁରକ୍ଷା ଦେଇଆସୁଛି। ବିପର୍ଯ୍ୟୟ କେତେବେଳେ ଆସିବ କେହି କହିପାରିବେ ନାହିଁ। କିନ୍ତୁ ପୂର୍ବ ସୂଚନା ପାଇବା ପରେ ଯଦି ସେଗୁଡିକର ପରିଚାଳନା ସଠିକ୍ କରିବା ତେବେ ବିପର୍ଯ୍ୟୟର ମୁକାବିଲା କରିପାରିବା। ଏହି ବିପର୍ଯ୍ୟୟର ମୁକାବିଲା ଦିଗରେ ପୂର୍ବ ପ୍ରସ୍ତୁତି କରିବା ଆବଶ୍ୟକ। ଯଦି, ସଠିକ୍ ପ୍ରସ୍ତୁତ ରହିବା ଏବଂ ମୁକାବିଲା ଦିଗରେ ପୂର୍ବରୁ ପ୍ରଶିକ୍ଷଣ ନେଇଥିବା ତେବେ ବିପର୍ଯ୍ୟୟର ମୁକାବିଲା ସହଜସାଧ୍ୟ ହେବ ବୋଲି ଜିଲ୍ଲାପାଳ କହିଥିଲେ। ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ପ୍ରଦୋଷ କୁମାର ଶତପଥୀ ଜିଲ୍ଲାରେ ହେବାକୁ ଥିବା କାର୍ଯ୍ୟ ଖସଡା ସମ୍ପର୍କରେ ପ୍ରାଞ୍ଜଳ ଭାବେ ଅବଗତ କରାଇଥିଲେ। ଆଗକୁ ବର୍ଷା ଦିନ ଆସିବାର ଅଛି, ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା କରିବା ଦିଗରେ ରହିଥିବା ସମ୍ବଳ କିପରି ଉପଯୋଗ କରାଯାଇ ପାରିବ ସେ ସମ୍ପର୍କରେ ପ୍ରସ୍ତୁତି ଅଭ୍ୟାସ ବା ମକଡ୍ରିଲ କରିବା ଜରୁରୀ। ପ୍ରସ୍ତୁତି ଅଭ୍ୟାସର ସଠିକ୍ ପରିଚାଳନା କରିବା ନିମନ୍ତେ ଚଳିତ ମାସ ୧୮ ଓ ୧୯ ତାରିଖ ଦିନ ପ୍ରତି ବର୍ଷ ପରି ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କରାଯିବ। ରହିଥିବା ମାନବ ସମ୍ବଳର ଉପଯୋଗ, ଗଚ୍ଛିତ ଥିବା ଯନ୍ତ୍ରାଂଶର ବ୍ୟବହାର, ଜନସାଧାରଣଙ୍କ ବହୁମୂଲ୍ୟ ଜୀବନ ଓ ପଶୁ ସମ୍ପଦର ସୁରକ୍ଷା ନିମନ୍ତେ ରହିଥିବା କୋଠାବାଡିର ଉପଯୋଗ ଇତ୍ୟାଦି କିଭଳି କରିବା ସେଗୁଡିକର ପ୍ରଶିକ୍ଷଣ ଏହି ଦୁଇଦିନ ଅନୁଷ୍ଠିତ ହେବ। ବନ୍ୟା, ବାତ୍ୟା, ବିଦ୍ୟୁତ, ପାଣିରେ ବୁଡିଯିବା, ସାପ କାମୁଡିବା ଇତ୍ୟାଦି ବିପର୍ଯ୍ୟୟର ମୁକାବିଲା ସକାଶେ ପୂର୍ବ ପ୍ରସ୍ତୁତି ଅପରିହାର୍ଯ୍ୟ। ତେବେ ଯାଇ ଆମେ ସୁରକ୍ଷିତ ରହିବା ଏବଂ ଅନ୍ୟ ଜୀବନକୁ ମଧ୍ୟ ସୁରକ୍ଷା ଦେଇପାରିବା। ସେହି ସମସ୍ତ ଉପକରଣ ଗୁଡିକର ବ୍ୟବହାର ଉପଯୋଗୀ କରିବା ସହିତ ପୂର୍ବରୁ ସଜାଡି ରଖିବାର ଆବଶ୍ୟକତା ରହିଛି। ସେହିପରି ଆଗକୁ ବର୍ଷା ଆସୁଥିବା ହେତୁ ପାରଳାଖେମୁଣ୍ଡି ପୌର ପରିଷଦ ଓ କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ସମେତ ସମସ୍ତ ବ୍ଲକ ଓ ଗ୍ରାମ୍ୟ ପଞ୍ଚାୟତ ଗୁଡିକରେ ରହିଥିବା ନାଳ, ନର୍ଦ୍ଦମାଗୁଡିକର ସଫେଇ କରିବା ନିମନ୍ତେ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ସଂପୃକ୍ତ ଅଧିକାରୀଙ୍କୁ ଅବଗତ କରାଇଥିଲେ।

ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ. କୁମାର, ଜିଲ୍ଲା ବନଖଣ୍ଡ ଅଧିକାରୀ ଏସ.ଆନନ୍ଦ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଦିଲୀପ କୁମାର ବେହେରା ମଞ୍ଚାସୀନ ଥିବାବେଳେ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ, ସମସ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ ସମେତ ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଦୁଇ ଦିନ ହେଲା ଅନ୍ଧାରରେ ବାଲିଗୁଡ଼ା

**ବାଲିଗୁଡା, ୧୩।୬(ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଅଞ୍ଚଳ ଗତ ଦୁଇ ଦିନ ହେଲା ବିଦ୍ୟୁତ ସେବାରୁ ବଞ୍ଚିତ ରହିଛି। ଗତ ମଙ୍ଗଳବାର ଦିନ ପ୍ରବଳ ବର୍ଷା ଓ ପବନ ଯୋଗୁ ବାଲିଗୁଡାର ବହୁ ଜାଗାରେ ଗଛ ଉପୁଡି ପଡ଼ିଥିବା ହେତୁ ବହୁ ସମୟ ଧରି ବିଦ୍ୟୁତ ସେବା ବନ୍ଦ ରହିଥିଲା। ଦୋକାନ ବଜାର ଖୋଲା ନ ହେବା ସହ ବହୁ ମୌଳିକ ସେବାରୁ ବଞ୍ଚିତ ହୋଇଛନ୍ତି ଅଞ୍ଚଳବାସୀ। ଦୁଇ ଦିନ ଧରି ବିଦ୍ୟୁତ ସଂଯୋଗ କରାଯାଉ ନ ଥିବାର କାରଣରୁ ବିଭାଗର କାର୍ଯ୍ୟ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରି ବୁଧବାର ରାତି ୨ଟା ପର୍ଯ୍ୟନ୍ତ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଟାୟାର ଜାଳ ଧାରଣା ଦେଇଥିଲେ ଅଞ୍ଚଳବାସୀ। ବିଦ୍ୟୁତ ବିଭାଗର ଅବହେଳା ଯୋଗୁଁ ଏଭଳି ହୋଇଥିବା ଅଭିଯୋଗ କରାଯାଇଛି। ବକେୟା ରାଶି ଆଦାୟରେ ବିଭାଗ ଯେଉଁ ଭଳି ତତ୍ପରତା ଦେଖାଉଛନ୍ତି ବିଦ୍ୟୁତ ସଂଯୋଗ ସେବାରେ ଦେଖାଉନାହିଁ ବୋଲି ଅଭିଯୋଗ କରାଯାଇଛି। ଏଭଳି ସ୍ଥିତି ଯୋଗୁଁ ଆସନ୍ତା ୬ ମାସ ଯାଏ କୋଣସି ବିଦ୍ୟୁତ ବିଲ ପୈଠ କରିବେ ନାହିଁ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।ଏହା ପୂର୍ବରୁ ମଧ୍ୟ ଅଘୋଷିତ ବିଦ୍ୟୁତ କାଟ ଓ ଲୋଭୋଲ୍ଟେଜକୁ ବିରୋଧ କରି ବାଲିଗୁଡା ବ୍ଲକ ସ୍ତରୀୟ ପଞ୍ଚାୟତ ଜନପ୍ରତିନିଧି ପରିଷଦ ବାଲିଗୁଡା ଉପଜିଲ୍ଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରିଥିଲା। ବାଲିଗୁଡାରୁ ମାତ୍ର ତିନି କିଲୋମିଟର ଦୂର ସିନ୍ଦ୍ରିଗାଁ ରାସ୍ତା ରେ ଏକ ବିଦ୍ୟୁତ ପୋଲ ଦୁଇ ଦିନ ହେଲା ରାସ୍ତାରେ ପଡ଼ିରହିଛି। ଏହି କାରଣରୁ ଦୁଇ ଦିନ ହେବ ବିଦ୍ୟୁତ ଯୋଗାଣ ସ୍ୱାଭାବିକ ହୋଇପାରୁନି। ସେହି ଅଞ୍ଚଳର ଦୁଇ ପଞ୍ଚାୟତ ବିଦ୍ୟୁତ ସେବାରୁ ସମ୍ପୂର୍ଣ୍ଣ ବଞ୍ଚିତ ରହିଛନ୍ତି। ଗୁରୁବାର ବିଦ୍ୟୁତ ଯୋଗାଣରେ ଲୁଚକାଳି ଖେଳ ଦେଖିବାକୁ ମିଳିଛି। ଏଣୁ ଏହିସବୁ ଉପରେ ସ୍ଥାନୀୟ ପ୍ରଶାସନ ଓ ବିଦ୍ୟୁତ ବିଭାଗ ଯଥାଶୀଘ୍ର କୌଣସି ପଦକ୍ଷପ ନ ନେଲେ ଆଗାମୀ ଦିନରେ ବହୁ ସଂଖ୍ୟାରେ ଜନସାଧାରଣ ଆନ୍ଦୋଳନ କରାଯିବାକୁ ଚେତାବନୀ ଦେଇଛନ୍ତି।

## ଖୋଲିବ ସ୍କୁଲ; ସ୍ୱଚ୍ଛତା ଉପରେ ଗୁରୁତ୍ୱ

**ଜି.ଉଦୟଗିରି, ୧୩।୬(ସମିସ):** ସରିବାକୁ ଯାଉଛି ଗ୍ରୀଷ୍ମ ଛୁଟି। ଚଳିତ ମାସ ୧୮ ତାରିଖରୁ ଖୋଲିବାକୁ ଯାଉଥିବା ବେଳେ ଶିକ୍ଷାନୁଷ୍ଠାନରେ ତତ୍ପରତା ପ୍ରକାଶ ପାଇଛି। ଲମ୍ବା ଛୁଟି କାରଣରୁ ସ୍କୁଲ ଅପରିଷ୍କାର ହୋଇ ରହିଛି। ଏଥିସହ କେତେକ ବିଦ୍ୟାଳୟରେ ଭିତ୍ତିଭୂମିର




ବିକାଶ ଜରୁରୀ ରହିଛି। ତେଣୁ ସାତ ଦିନ ପୂର୍ବରୁ ସେଗୁଡ଼ିକ ମରାମତି କରାଯିବା ସହିତ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବା ପାଇଁ ବିଭାଗ ତରଫରୁ ନିର୍ଦ୍ଦେଶ ରହିଛି। ସେହି ଅନୁସାରେ ଜି. ଉଦୟଗିରି ବ୍ଲକରେ ଥିବା ସମସ୍ତ ହାଇସ୍କୁଲ, ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସଫେଇ କାମ ଚାଲିଥିବା ବେଳେ ପିଲାଙ୍କ ମଧ୍ୟାହ୍ନ ଭୋଜନରେ ବ୍ୟବହାର ହେଉଥିବା ସାମଗ୍ରୀର ସଫେଇ ସହିତ ଶୌଚାଳୟ, ଶ୍ରେଣୀ ଗୃହ, ଲାଇବ୍ରେରୀ, ବିଜ୍ଞାନାଗାର, ଖେଳ ପଡ଼ିଆ, ସ୍କୁଲ ପରିବେଶକୁ ସଫେଇ କରାଯାଉଛି। ଜି.ଉଦୟଗିରି ହବାକ ହାଇସ୍କୁଲରେ ସ୍ୱଚ୍ଛତା କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ର କହିଛନ୍ତି। ଏହି କାମକୁ ନିୟମିତ ଭାବେ ଶିକ୍ଷକ ତଦାରଖ କରୁଛନ୍ତି। ସ୍ୱଚ୍ଛତା ଏବଂ ସୁନ୍ଦର ପରିବେଶ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି।

## ଶୀତଳଷଷ୍ଠୀ ଯାତ୍ରା ପାଇଁ ଜି.ଉଦୟଗିରି ଉତ୍ସବମୁଖର



**ଜି.ଉଦୟଗିରି, ୧୩।୬(ସମିସ):** ଶୀତଳଷଷ୍ଠୀ ଯାତ୍ରା ପାଇଁ କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ସହର ଉତ୍ସବମୁଖର ହୋଇପଡ଼ିଛି। ଗାନ୍ଧୀ ଛକରେ ଠାକୁରଙ୍କ ମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ରବିବାର ଦିନ ଦେବ ଦମ୍ପତିଙ୍କ ବିବାହ ପାଇଁ ଗୁଆ ଅନୁକୂଳ ହୋଇଥିବା ବେଳେ ସୋମବାର ବିବାହ ଉତ୍ସବ, ମଙ୍ଗଳ ଏବଂ ବୁଧବାର ଦିନ ବିରାଟ ପଟୁଆରରେ ଠାକୁର ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଦୁଇ ଦିନ ଧରି ପୌରାଣିକ ନାଟକ ପରିବେଷଣ କରାଯାଇଥିବା ବେଳେ ଗୁରୁବାର ରାତିରେ ସାମାଜିକ ନାଟକ ଜନମ ନେଇଛି କାନ୍ଦିବା ପାଇଁ ପରିବେଷଣ ହୋଇଛି। ଶୀତଳଷଷ୍ଠୀ ଯାତ୍ରା ପାଇଁ ଜି.ଉଦୟଗିରି ସହରରେ ଗହଳି ଲାଗି ରହିଥିବା ବେଳେ ଗ୍ରାମାଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥିବା ଦେଖିବାକୁ ମିଳିଛି। ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ପରିଚାଳନା କମିଟି ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିବା ବେଳେ ରୁଦ୍ରକାଳୀ ନାଟ୍ୟ ସଂଘ କଳାକାରଙ୍କ ଦ୍ୱାରା ପରିବେଷିତ ସାମାଜିକ ନାଟକ ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିବା ଦେଖିବାକୁ ମିଳିଛି।

ମୌସୁମୀ ଅପେକ୍ଷାରେ କନ୍ଧମାଳ ଚାଷୀ

## ରଜ ଆସିଲାଣି; ବର୍ଷାର ଦେଖା ନାହିଁ



**ଫିରିଙ୍ଗିଆ, ୧୩।୬(ସମିସ):** କନ୍ଧମାଳ ଜିଲ୍ଲା ବଣ ଜଙ୍ଗଲ, ପାହାଡ଼ ଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏଠାକାର ମୁଖ୍ୟ ଜୀବିକା ହେଉଛି ଚାଷ। ଜିଲ୍ଲାର ପ୍ରାୟ ୮୦ ପ୍ରତିଶତ ଆଦିବାସୀ ଚାଷ ଉପରେ ନିର୍ଭରଶୀଳ। ଧାନ ସାଙ୍ଗକୁ ମକା, ବିରି, କୋଳଥ, କାନ୍ଦୁଳ, ମାଣ୍ଡିଆ ଆଦି ଫସଲ ଚାଷ କରି ଚାଷୀ ଜୀବିକା ନିର୍ବାହ କରିଥାନ୍ତି। ଚଳିତ ବର୍ଷ ଜମି ପ୍ରସ୍ତୁତ କରି ମୌସୁମୀକୁ ଅପେକ୍ଷା କରିଛି ଚାଷୀ। ଅଣ ଜଳସେଚିତ ଏହି ଜିଲ୍ଲାରେ କୃଷକ ସାଧାରଣତଃ ଖରିଫ ଚାଷ ପାଇଁ ବର୍ଷା ଉପରେ ନିର୍ଭର କରିଥାନ୍ତି। ପାଣିପାଗ ବିଭାଗର ସୂଚନା ପ୍ରକାରେ ଓଡ଼ିଶା ଛୁଇଁଲାଣି ମୌସୁମୀ। କିନ୍ତୁ କନ୍ଧମାଳ ଜିଲ୍ଲାରେ ମୌସୁମୀର ଦେଖା ମିଳୁନି। ପାହାଡିଆ ଜମି ସବୁ ଶୁଖିଲା ପଡ଼ିଛି। ଚାଷୀ ହଳଲଙ୍ଗଳ କରି କ୍ଷେତକୁ ପ୍ରସ୍ତୁତ କରି ରଖିଛନ୍ତି। କେତେକ ଚାଷୀ ଘରେ ପ୍ରସ୍ତୁତ କରୁଥିବା ଗୋମାତାର ଗୋବରରୁ ତିଆରି ଜୈବିକ ଖତକୁ ନେଇ ଜମିରେ ପକାଉଛନ୍ତି। ବିଭିନ୍ନ କିସମର ବିହନ ସାଙ୍ଗକୁ ରାସାୟନିକ ସାର ଓ କୀଟନାଶକ ସବୁ କିଣି ଘରେ ସାଇତି ରଖିଛନ୍ତି। ବର୍ଷା ହେଲେ ଧାନ ବୁଣିବେ ଓ ତଳି ପକାଇବେ ବୋଲି ବର୍ଷାକୁ ଅପେକ୍ଷା କରିଛି ଚାଷୀଭାଇ। କୃଷି ଭିତ୍ତିକ ପର୍ବ ରଜ ଆସିଲାଣି। କିନ୍ତୁ ବର୍ଷାର ଦେଖା ମିଳୁ ନ ଥିବାରୁ ଚିନ୍ତାରେ ରହିଛନ୍ତି ଚାଷୀକୁଳ। ମୌସୁମୀ ବର୍ଷା ହେଲେ ଚାଷ କାମ ଆରମ୍ଭ ହେବ। ବର୍ତ୍ତମାନ ଭଗବାନଙ୍କ ଭରସାରେ ଚାଷୀ ଅଛନ୍ତି।

## ଗଛପଡ଼ି ବରାଳ ଦେବୀ ମନ୍ଦିର ଓ ପାଚେରି ଭାଙ୍ଗିଲା

**ଫିରିଙ୍ଗିଆ, ୧୩।୬(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ମାଝିପଡ଼ା ଗ୍ରାମରେ କାଳବୈଶାଖୀ ରଚଛି ତାଣ୍ଡବଲୀଳା। ପବନରେ ମାଝିପଡ଼ା ଗ୍ରାମରେ ଥିବା ଅଧିଷ୍ଠାତ୍ରୀ ଦେବୀ ମା' ବରାଳଦେବି ମନ୍ଦିର ଉପରେ ମାଡ଼ି ବସିଛି ଏକ ବିଶାଳକାୟ ବରଗଛ। ଏଥିରେ ମନ୍ଦିର ଚାରିପାଖରେ ଥିବ ପାଚେରୀ ଏବଂ ମନ୍ଦିର



କିଛି ଅଂଶ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ମନ୍ଦିର ପରିଚାଳନା କମିଟି ଏବଂ ଗ୍ରାମବାସୀ ମିଳିତ ଭାବରେ ମାଡ଼ି ବସିଥିବା ବରଗଛକୁ କାଟି ମନ୍ଦିର ଚାରିପାଖ ସଫାସୁତୁରା କରିଛନ୍ତି। ପ୍ରଶାସନ ଉକ୍ତ ମନ୍ଦିରରେ କ୍ଷୟକ୍ଷତି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଭାଙ୍ଗି ଯାଇଥିବା ପାଚେରୀ ଏବଂ ମନ୍ଦିରର ପୁନଃରୁଦ୍ଧାର ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଉକ୍ତ ମନ୍ଦିରର ପୁଜାରୀ ବ୍ରହ୍ମାନନ୍ଦ ପାତ୍ର, ଦେହୁରି ଟୁକୁନା ପାତ୍ର ଓ ଗ୍ରାମବାସୀ କାକି କହଁର, ଦୁଃର୍ବାସା କହଁର, କୃଷ୍ଣଚନ୍ଦ୍ର ପ୍ରଧାନ, ଅନନ୍ତ କହଁର, ପ୍ରତାପ କହଁର ଏବଂ ଅଞ୍ଚଳର ଯୁବ ସମାଜସେବୀ ସୁନଶିର ଦିଗାଲ ଅନୁରୋଧ କରିଛନ୍ତି।

## ନବନିର୍ବାଚିତ ବିଧାୟକଙ୍କୁ ନାମନଗଡ଼ରେ ସମ୍ବର୍ଦ୍ଧନା



**ପାରଳାଖେମୁଣ୍ଡି, ୧୩।୬(ସମିସ):** ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନୀମଣ୍ଡଳୀର ନବନିର୍ବାଚିତ ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀଙ୍କୁ ଗୁମ୍ମା ବ୍ଲକ ନାମନଗଡ଼ ଗ୍ରାମରେ ସମ୍ବର୍ଦ୍ଧନା ଦିଆଯାଇଛି। ନବନିର୍ବାଚିତ ବିଧାୟକ ଶ୍ରୀ ପାଣିଗ୍ରାହୀ ଗୁମ୍ମା ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳ ପରିଦର୍ଶନ କରିଥିବା ବେଳେ ନାମନଗଡ଼ରେ ଲୋକେ ନୂତନ ବିଧାୟକଙ୍କୁ ପାଛୋଟି ନେବା ସହ ଭବ୍ୟ ସ୍ୱାଗତ କରିଥିଲେ। ଏହାପରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ଏଥିସହିତ ଚର୍ଚ୍ଚରେ ପ୍ରାର୍ଥନା କରିଥିଲେ। ଗ୍ରାମର ବିଭିନ୍ନ ସମସ୍ୟାକୁ ନେଇ ଲୋକଙ୍କ ସହ ଆଲୋଚନା କରିବା ସହ ବିକାଶ ସମ୍ପର୍କରେ ଗ୍ରାମବାସୀଙ୍କୁ ନବନିର୍ବାଚିତ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

## ନାଳରେ ବୁଡ଼ି ନାବାଳକ ମୃତ

**ବାଲିଗୁଡ଼ା/କ.ନୂଆଗାଁ, ୧୩।୬(ସମିସ):** କନ୍ଧମାଳ ଜିଲ୍ଲା କ.ନୂଆଗାଁସ୍ଥିତ ଏକ ନାଳକୁ ଗାଧୋଇକୁ ଯାଇଥିବା ଜଣେ ବାଳକ ପାଣିରେ ବୁଡି ଯିବାରୁ ମୃତ୍ୟୁ ହୋଇଛି। ବାଳକର ମୃତ୍ୟୁ ହୋଇଛି। ସୂଚନା ଅନୁସାରେ କ. ନୂଆଗାଁ ନାଳ ଘାଟିରେ ବସବାସ କରୁଥିବା ଭାସ୍କର ସାହୁଙ୍କ ପୁଅ ରାହୁଲ କୁମାର ସାହୁ (୧୪) ପ୍ରତିଦିନ ଭଳି ସାଙ୍ଗସାଥୀ ହୋଇ ଆମ୍ବ ଖାଲିଆ ନାଳକୁ ଗାଧୋଇବାକୁ ଯାଇଥିଲା। ଅସାବଧାନତା ହେତୁ ଗଭୀର ପାଣିରେ ଗୋଡ଼ ଖସି ଯାଇଥିବାରୁ ଫେରି ପାରି ନ ଥିଲା। ସାଙ୍ଗ ମାନେ ଘରେ ସୂଚନା ଦେବା ପରେ ପରିବାର ଲୋକେ ଘଟଣା



ସ୍ଥଳରେ ପହଞ୍ଚି ଖୋଜାଖୋଜି କରି ଥିଲେ। ହେଲେ କୌଣସି ସନ୍ଧାନ ନ ପାଇବାରୁ ସାରଙ୍ଗଡ଼ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଖୋଜାଖୋଜି ପରେ ରାହୁଲକୁ ପାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କ.ନୂଆଗାଁ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟ ପଠାଇଥିବା ଜଣାପଡ଼ିଛି। ଉକ୍ତ ପରିବାର ଅତି ଗରିବ ଶ୍ରେଣୀର ହୋଇଥିବା ଯୋଗୁଁ କ. ନୂଆଗାଁ ବଜାର କମିଟି ପକ୍ଷରୁ ଶୋକ ପ୍ରକାଶ କରି ବାଳକର ପରିବାରକୁ ଅନ୍ତିମ ସଂସ୍କାର ସମସ୍ତ ଖର୍ଚ୍ଚ ସହାୟତା ପ୍ରଦାନ କରିଥିଲେ। ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଉତ୍କଟ ହେଲାଣି ପାନୀୟ ଜଳ ସମସ୍ୟା

## ଜଳକଷ୍ଟ ଭୋଗୁଛନ୍ତି ଅଲାଞ୍ଜୁରୀ ଗ୍ରାମବାସୀ

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୧୩।୬(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ପଞ୍ଚାୟତ ଅଲାଞ୍ଜୁରୀ ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ଅଲାଞ୍ଜୁରୀ ଗ୍ରାମ ଡ଼ାଙ୍ଗେସିପଡ଼ା ଗ୍ରାମର ଝୋଲା ସାହିରେ ୮୦ ରୁ ଅଧିକ ପରିବାର ବସବାସ କରୁଛନ୍ତି। ସାହିରେ ପାଞ୍ଚଟି ନଳକୂପ ରହିଛି। ହେଲେ ସେଥିରୁ ୪ ଅଚଳ ହୋଇ ପଡ଼ିଥିବା ବେଳେ ଗୋଟିଏରେ ସୋଲାର ଯୋଗେ ପାଣି ଉଠାଇବା ବ୍ୟବସ୍ଥା ହେଇଛି। ସେଥିରୁ ଧୀରେ ଧୀରେ ବହୁତ କମ ପାଣି ବାହାରଛି। ତାହା ୮୦ ପରିବାର ପାଇଁ ପାଣି ଯଥେଷ୍ଟ ହେଉନାହିଁ। ଏହି କାରଣରୁ ରବିବାର ଦିନ ପାଣି ପାଇଁ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପାଣି ସମସ୍ୟା ଯୋଗୁଁ ଲୋକଙ୍କୁ ୩ କିଲୋମିଟର ଦୂର କଟାମାହା ଗ୍ରାମରେ ଥିବା ଚୁଆଁରୁ ପାଣି ଆଣୁଛନ୍ତି। ଏହି କାରଣରୁ ଶ୍ରମଜୀବୀ ଠିକ ସମୟରେ କାମଧନ୍ଦା କୁ ଯାଇ ପାରୁନାହାଁନ୍ତି। ଖରା ଦିନରେ ପାନୀୟ ଜଳ ସମସ୍ୟା



ଉତ୍ସଟ ହେଉଛି। ଲୋକେ ପାଣି ଟିକିଏ ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହେଉଛି। ବର୍ଷା ଦିନରେ ମଧ୍ୟ ପାନୀୟ ଜଳ ସମସ୍ୟା ରହୁଥିବା ଲୋକେ ଅଭିଯୋଗ କରିଛନ୍ତି। ବସୁଧା ଜଳ ଯୋଗାଣ ସେମାନଙ୍କ ପାଇଁ ସତେ ଯେମିତି ସାତ ସପନ ପାଲଟିଛି। ପାଣି ନ ପାଇ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବସୁଧା ଜଳ ଯୋଜନା ଯୋଗେ ହେଉ କିମ୍ବା ନୂତନ ନଳକୂପ ଖନନ କରି ଶୀଘ୍ର ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ଗ୍ରାମର କାମିନୀ ସିଂ, ଲୁସି ନାୟକ, ନିଳା ସିଂ, ମାଳତୀ ସିଂ, ମାର୍ଗାରିତା ସିଂ, ଦାସ ଧାଙ୍ଗାଡ଼ା ମାଝୀ, ଉତ୍ତମ ସିଂ, ହେମନ୍ତ ସିଂ ଙ୍କ ସମେତ ଅନ୍ୟ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ କ୍ଷୀରୋଦ ରାଉତଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ସମସ୍ୟା ସମ୍ପର୍କରେ ସରପଞ୍ଚ କିମ୍ବା ଗାଁ ଲୋକେ କେହି ଅଭିଯୋଗ କରିନାହାନ୍ତି। ଘଟଣାର ତଦନ୍ତ କରି ଅଚଳ ନଳକୂପ ମରାମତି କରିବା ପାଇଁ ଦାୟିତ୍ୱର ଥିବା କର୍ମଚାରୀଙ୍କୁ ପଠାଇବେ ବୋଲି କହିଛନ୍ତି।

## ଆଦିବାସୀଙ୍କୁ ରୋଜଗାର ଯୋଗାଉଛି ତେନ୍ତୁଳି

ଫିରିଙ୍ଗିଆ, ୧୩।୬(ସମିସ)



କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ବସବାସ କରୁଥିବା ଆଦିବାସୀ ବିଶେଷ କରି ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି। ଜଙ୍ଗଲଜାତ ଦ୍ରବ୍ୟ ମଧ୍ୟରେ ତେନ୍ତୁଳି ହେଉଛି ଅନ୍ୟତମ। ଆଦିବାସୀ ତେନ୍ତୁଳି ଗଛରୁ ତେନ୍ତୁଳି ସଂଗ୍ରହ କରି ଜୀବିକା ନିର୍ବାହ କରିଥାନ୍ତି। ହେଲେ ତେନ୍ତୁଳି ବିକ୍ରି ପାଇଁ ବଜାର ନ ଥିବା ଯୋଗୁଁ ଉଚିତ ମୂଲ୍ୟରେ ବିକ୍ରି କରି ନ ପାରି କ୍ଷତି ସହୁଛନ୍ତି।ମାର୍ଚ୍ଚ ମାସ ଠାରୁ ମେ ମାସ ପର୍ଯ୍ୟନ୍ତ ତେନ୍ତୁଳି ସଂଗ୍ରହ ହୋଇଥାଏ। ଗୋଟିଏ ଗଛରୁ ପ୍ରାୟ ଏକ କ୍ୱିଣ୍ଟାଲରୁ ଅଧିକ ତେନ୍ତୁଳି ସଂଗ୍ରହ ହୋଇଥାଏ। ଯଦି ଗଛ ବଡ଼ ଆକାରର ହୋଇଥାଏ ଓ ଗଛରେ ଭଲ ତେନ୍ତୁଳି ଆସିଥାଏ ତେବେ ଗୋଟିଏ ଗଛରେ ପ୍ରାୟ ୪ କ୍ୱିଣ୍ଟାଲ ପର୍ଯ୍ୟନ୍ତ ତେନ୍ତୁଳି ସଂଗ୍ରହ ହୋଇଥାଏ। ତେନ୍ତୁଳି ବିକ୍ରି ପାଇଁ କୌଣସି ବଜାର ନ ଥିବା ଯୋଗୁଁ ଉଚିତ ମୂଲ୍ୟରେ ଆଦିବାସୀ ବିକ୍ରି କରି ପାରୁନାହାନ୍ତି। ଏହାର ସୁଯୋଗ ନେଇ ସ୍ଥାନୀୟ ଦୋକାନୀ ଓ ବୁଲା ବେପାରୀ ମାତ୍ର କିଲୋଗ୍ରାମ ପିଛା ୨୫ରୁ ୩୦ ଟଙ୍କାରେ କିଣି ମାଲାମାଲ ହେଉଛନ୍ତି। ତେନ୍ତୁଳି ସଂଗ୍ରହକାରୀ ମଧ୍ୟ କୌଣସି ଉପାୟ ନ ପାଇ ସେମାନଙ୍କୁ ହିଁ ବିକିବା ପାଇଁ ବାଧ୍ୟ ହେଉଛନ୍ତି। ଗୋଟିଏ ପଟେ ଉଚିତ ଦରରେ ତେନ୍ତୁଳି ବିକ୍ରି ହେଉ ନ ଥିବା ବେଳେ ମେଘୁଆ ପାଗ ହେଲେ ତେନ୍ତୁଳି ଦର କମି ଯାଇଥାଏ। ସେହିପରି ବର୍ଷାରେ ତେନ୍ତୁଳି ଭିଜି ଗଲେ ତାହା ମଧ୍ୟ ବିକ୍ରି ଉପଯୋଗୀ ହେଉ ନ ଥିବା ବେଳେ କ୍ଷତି ସହିବାକୁ ପଡ଼ିଥାଏ ବୋଲି ସଂଗ୍ରହକାରୀ କହିଛନ୍ତି। ଏହାର ସୁରକ୍ଷିତ ସଂଗ୍ରହ ଓ ସାଇତି ରଖିବାକୁ ଗ୍ରାମାଞ୍ଚଳରେ ଦେଶୀ ପଦ୍ଧତି ଅବଲମ୍ବନ କରି ଦୀର୍ଘଦିନ ପର୍ଯ୍ୟନ୍ତ ରଖିଥାନ୍ତି। ମଞ୍ଜି ଅଲଗା କରି ତେନ୍ତୁଳିକୁ କିଛିଦିନ ଖରାରେ ଶୁଖାଇ ଲୁଣ ପାଣି ଛିଞ୍ଚି ଲଡୁ ଆକାରରେ ପାଗ କରି ସାଇତି ରଖନ୍ତି। ଏହି ଲଘୁ ବନଜାତ ଦ୍ରବ୍ୟ ଗ୍ରାମାଞ୍ଚଳରେ ବାସ କରୁଥିବା ବାସିନ୍ଦାଙ୍କ ପାଇଁ ଅର୍ଥ ରୋଜଗାର ପ୍ରମୁଖ ଆୟୁଧ ହେଉଛି। ପ୍ରଶାସନ ପକ୍ଷରୁ ତେନ୍ତୁଳିର ବିକ୍ରିବଟା ପାଇଁ କିଛି ବ୍ୟବସ୍ଥା କରାଗଲେ ସଂଗ୍ରହକାରୀ ଉଚିତ ମୂଲ୍ୟରେ ତେନ୍ତୁଳି ବିକ୍ରି କରି ଉପକୃତ ହୋଇ ପାରିଥାନ୍ତେ ବୋଲି ଚାଷୀ କିଶୋର ଦିଗାଲ, ଗନ୍ଧର୍ବ ଦିଗାଲ ଓ କୁଶ ସାହାଣୀ ପ୍ରକାଶ କରିଛନ୍ତି। ଏହି ଲଘୁ ବନଜାତ ଦ୍ରବ୍ୟ ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ଅର୍ଥ ରୋଜଗାରର ପ୍ରମୁଖ ସାଧନ ହେଉଛି। ଏ ସମ୍ପର୍କରେ ଆଦିବାସୀ ସମବାୟ ସମିତି ବିକାଶ (ଟିଡିସିସି) ଅଧିକାରୀଙ୍କୁ ପଚାରିବାରେ ସେ କହିଛନ୍ତି ସରକାର ଏବେ ଲଘୁ ବନଜାତ ଦ୍ରବ୍ୟ ଯୋଜନା ଘୋଷଣା କରିଛନ୍ତି। ଆଦିବାସୀଙ୍କ ଲଘୁ ବନଜାତ ଦ୍ରବ୍ୟ କିଣାଯାଇ ସେମାନଙ୍କୁ ଉଚିତ୍ ମୂଲ୍ୟ ପ୍ରଦାନ କରାଯିବ। ହେଲେ ଏବେ ବଜାରରେ ତେନ୍ତୁଳି କିଲୋ ପିଛା ମୂଲ୍ୟ ୩୫ ଟଙ୍କା ରହିଛି। ମୂଲ୍ୟ ଯୁକ୍ତ ତେନ୍ତୁଳି ଦାମ ଅଧିକ ରହିଛି। ଗାଁ ଗହଳିରେ ତେନ୍ତୁଳି ସଂଗ୍ରହ କରି କମ ଦରରେ ବିକ୍ରୀ କରୁଥିବା ନଜରକୁ ଆସିଛ। ଏଥିପ୍ରତି ସରକାର ପକ୍ଷରୁ ନିଶ୍ଚିତ ପଦକ୍ଷେପ ନିଆଯିବ।

# ଅଟୋ ଓଲଟି ଚାଳକ ଆହତ



**କୋଦଳା,୧୩।୬(ସମିସ):** ଗଞ୍ଜାମ ଜିଲ୍ଲା ବେଗୁନିଆପଡା ଥାନା ଅନ୍ତର୍ଗତ ସୁମଣ୍ଡଳ ଲକ୍ଷ୍ମଣପୁର ସାହିରେ ଥିବା କାଳୀ ମନ୍ଦିର ନିକଟରେ ଥିବା ପୂର୍ଭ ରାସ୍ତାର ବାବାଜୀ ମଠ ବାଙ୍କରେ ଗୁରୁବାର ସକାଳେ ଏକ ଅଟୋ କୌଣସି କରଣରୁ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଚାଳକ ଆହତ ହୋଇଥିଲେ। ସୁମଣ୍ଡଳରୁ ଅଟୋଟି ଭେଜିପୁଟ ଯାଉଥିବାବେଳେ ଉକ୍ତ ସ୍ଥାନରେ ଅଟୋଟି ଓଲଟି ପଡି ଥିଲା। ଏହି ଅଟୋରେ କେହି ଯାତ୍ରୀ ନ ଥିବା ବେଳେ ଚାଳକ ସୁମଣ୍ଡଳର ଅଭିମନ୍ୟୁ ପରିଡା ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ସୁମଣ୍ଡଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

## କମୁଛି ଦେଶୀ ଧାନର ଚାହିଦା

# ଅଧିକ ଅମଳକ୍ଷମ ବିହନ ପ୍ରତି ବଢୁଛି ଆଗ୍ରହ

**ଶେରଗଡ଼,୧୩।୬(ସମିସ)**

ପୂର୍ବରୁ ଶେରଗଡ଼ ଅଞ୍ଚଳରେ ବିଭିନ୍ନ ପ୍ରକାରର ଦେଶୀ ଧାନ ଚାଷୀମାନେ ଚାଷ କରୁଥିଲେ। ହେଲେ ଏବେ ଦେଶୀ ଧାନ ଚାଷ କରିବାକୁ ପଛଘୁଞ୍ଚା ଦେଉଛନ୍ତି। ଅଧିକ ଅମଳ ଆଶାରେ ଦେଶୀ କିସମ ଛାଡି ହାଇବ୍ରିଡ ଧାନ ଚାଷ କରିବାକୁ ଚାଷୀଙ୍କ ମନରେ ଆଗ୍ରହ ବୃଦ୍ଧି ପାଉଛି। ଫଳରେ ପୂର୍ବ ଭଳି ଦେଶୀ ଧାନ ଚାଷ ପ୍ରତି ଚାଷୀଙ୍କ ବିମୁଖତା ଦେଖିବାକୁ ମିଳୁଛି। କମ ଜମି, କମ ସମୟରେ ଅଧିକ ଧାନ ଅମଳ ଆଶା ନେଇ ଏବେ ଚାଷୀ ଦେଶୀ କିସମ ଠାରୁ ମୁହଁ ଫେରାଇ ନେଉଛି। ଶେରଗଡ ବ୍ଲକର ଯେଉଁ କେତେକ ଅଞ୍ଚଳରୁ ଦେଶୀ କିସମ ଧାନ ଚାଷ କରାଯାଉଛି, ସେସବୁ ଜମିରେ ମଧ୍ୟ ଅଧିକ ଅମଳକ୍ଷମ ଧାନ ଚାଷ କରିବା ପାଇଁ ଚଳିତ ବର୍ଷ ଚାଷୀ ଆଗ୍ରହ ପ୍ରକାଶ କରିଥିବା ସ୍ଥାନୀୟ ଜଣେ କୃଷି ଅଧିକାରୀ ପ୍ରକାଶ କରିଛନ୍ତି। ଶେରଗଡ ବ୍ଲକରେ ସମୁଦାୟ ୧୫ ହଜାର ୪ ଶହ ହେକ୍ଟର ଚାଷ ଜମି ରହିଛି। ସେଥିମଧ୍ୟରୁ ୭୭୫୫ ହେକ୍ଟର ଜମିରେ ଚଳିତ ବର୍ଷ ଧାନ ଓ ୬୩୪୦ ହେକ୍ଟର ଜମିରେ ଅଣଧାନ ଚାଷ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସ୍ଥାନୀୟ କୃଷି ବିଶେଷଜ୍ଞଙ୍କ ମତରେ ପୂର୍ବରୁ ଚାଷୀଙ୍କ ପାଖରେ ବିକଳ୍ପ ନଥିବା କାରଣରୁ ସେମାନେ ବର୍ଷର ୬ ମାସ ଧାନ ଚାଷ କାର୍ଯ୍ୟରେ ଲାଗି ରହୁଥିଲେ। ତେବେ ଅନିଶ୍ଚିତତା ମୌସୁମୀ, କମ ଅମଳ, ଧାନ ଅମଳରେ ଅଧିକ ସମୟସୀମା, ବ୍ୟବସାୟିକ ଧାନ ଚାଷ ଓ ଅଧିକ ଅମଳକ୍ଷମ ଧାନ ବିହନ ବ୍ୟବହାର ଲାଗି ସରକାର ପ୍ରୋତ୍ସାହିତ କରିବାରୁ ପାରମ୍ପରିକ ଦେଶୀ ଧାନ ବିହନ ପ୍ରତି ଚାଷୀଙ୍କ ଆଗ୍ରହ ହ୍ରାସ ପାଉଛି। ଦେଶୀ ଧାନ ବିହନ ମଧ୍ୟରେ ପଦ୍ମ କେଶରୀ, ପୂଜା, କାକୁରିଆ, ହୀରାଖଣ୍ଡି, ଚମ୍ପା ପ୍ରଭୃତି ଅନେକ



ଦେଶୀ ଧାନ ବିହନ ଦେଖିବାକୁ ମିଳୁନାହିଁ। ଅଧିକ ଅମଳକ୍ଷମ ଧାନ ଚାଷ କାରଣରୁ ବହୁ ପୁରାତନ ଦେଶୀ ଧାନ ବିହନ ଅନ୍ନପୂର୍ଣ୍ଣା ଏବେ ଗ୍ରାମାଞ୍ଚଳରୁ ହଜିଗଲାଣି। ଉଭୟ ଖରିଫ ଏବଂ ରବି ଋତୁରେ ଅଧିକ ଅମଳକ୍ଷମ ସ୍ୱର୍ଣ୍ଣ, ପୂଜା, ମସୁରୀ, ଆର୍ଜିଲ, ୧୦୦୧, ୧୦୦୯, କାଞ୍ଚନ, ବଳରାମ, ନବୀନ, ପ୍ରତୀକ୍ଷା, ତୁଳସୀ, କନକ+, ସମ୍ପଦା, ଗୀତାଞ୍ଜଳୀ, ଚିଣ୍ଟୁ ପ୍ରଭୃତି ଅନେକ ଅମଳକ୍ଷମ ଧାନ ବିହନର ଚାହିଦା ବଢ଼ିବାରେ ଲାଗିଛି। ଶେରଗଡ ବ୍ଲକରେ ୭୭୫୫ ହେକ୍ଟର ଚାଷ ଜମି ଲାଗି ପ୍ରାୟ ୧୨ ଶହ କ୍ୱିଣ୍ଟାଲ ଧାନ ବିହନର ଆବଶ୍ୟକତା ରହିଛି। ୧୫ଟି ସେବା ସମବାୟ ସମିତି ଜରିଆରେ ପୂଜା, ମସୁରୀ, ଆର୍ଜିଲ କିସମର ପ୍ରାୟ ୧୭୮ କ୍ୱିଣ୍ଟାଲ ବିହନ ଚାଷୀଙ୍କୁ ବିକ୍ରି ଲାଗି ଆସିଥିବା ଶେରଗଡ କୃଷି କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ ଚାଷୀ ଯେଉଁ ସରକାରୀ ଧାନ ବିହନ କିଣୁଛି ତାହା ଆସନ୍ତା ବର୍ଷକୁ ବିହନ ଭାବେ ବ୍ୟବହାର କଲେ ସେଥିମଧ୍ୟରୁ ଗଛ ହେଉନାହିଁ। ଫଳରେ ଚାଷୀ ଆସନ୍ତା ବର୍ଷ ପାଇଁ ବିହନ ଘରେ ଗଚ୍ଛିତ ନରଖି ସରକାରୀ ବିହନ ଉପରେ ନିର୍ଭର କରିବାକୁ ବାଧ ହେଉଛି। ଶେରଗଡ ଅଞ୍ଚଳର ଭୌଗୋଳିକ ସ୍ଥିତି ଅନୁଧ୍ୟାନ କରି ମରୁଡି, ଅତ୍ୟଧିକ ବର୍ଷା ଓ ବନ୍ୟା ଏବଂ ଆବଶ୍ୟକ ତୁଳନାରେ କମ ବର୍ଷା ଜଳ ଦ୍ୱାରା ସହନଶୀଳ ଧାନ ବିହନ ପର୍ଯ୍ୟାପ୍ତ ପରିମାଣର ଯୋଗାଇ ଦେବା ସହ ରାସାୟନିକ ସାର, କୀଟନାଶକ, ରିହାତି ମୂଲ୍ୟରେ ଯୋଗାଇ ଦେଲେ ଚାଷୀ ଉପକୃତ ହେବେ ବୋଲି ଚାଷୀ ଅଜୟ କୁମାର ପାଢୀଙ୍କ ସହ ବହୁ ଚାଷୀ ପ୍ରକାଶ କରିଛନ୍ତି।

## ● ଆଜି ବିଶ୍ୱ ରକ୍ତଦାତା ଦିବସ

# ସଚେତନ କରୁଛନ୍ତି ସ୍ୱେଚ୍ଛାସେବୀ ସଂସ୍ଥା

**ଭଞ୍ଜନଗର,୧୩।୬(ସମିସ):** ରକ୍ତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ସରକାରୀ ଓ ବେସରକାରୀ ସ୍ତରରେ ରକ୍ତଭଣ୍ଡାର ଖୋଲାଯାଇଛି। ସେହିପରି ଭଞ୍ଜନଗର ଉପଖଣ୍ଡ ମେଡ଼ିକାଲ ପରିସରରେ ମଧ୍ୟ ଓଡ଼ିଶା ରକ୍ତଭଣ୍ଡାର ରହିଛି। ଦୁର୍ଘଟଣା ଓ ଅସ୍ତ୍ରୋପଚାର ବ୍ୟତୀତ ସିକିଲ୍‌ସେଲ୍, ଥାଲାସେମିଆ, ହେମୋଫିଲିଆ ଆଦି ରୋଗୀମାନଙ୍କ ଜୀବନ ବଞ୍ଚାଇବା ପାଇଁ ନିୟମିତ ବ୍ୟବଧାନରେ ରକ୍ତ ଦେବାକୁ ହୋଇଥାଏ। ହେଲେ ଏ ସମସ୍ତ ରୋଗୀ ଏହି ରକ୍ତଭଣ୍ଡାର ଉପରେ ନିର୍ଭର କରୁଥିବା ବେଳେ ରକ୍ତଦାନ ପ୍ରତି କେହି ରୋଗୀଙ୍କ ସମ୍ପର୍କୀୟ କି ସାଙ୍ଗସାଥି ଆଗ୍ରହ ପ୍ରକାଶ କରୁନାହାନ୍ତି। ତେଣୁ ରକ୍ତଭଣ୍ଡାର ବ୍ୟତୀତ ବିପଦର ବନ୍ଧୁ ଓ ଗୋପବନ୍ଧୁ ଚାରି ଟେବୁଲ ଟ୍ରଷ୍ଟ ଭଳି କିଛି ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସେମାନଙ୍କୁ ଯଥା ସମ୍ଭବ ରକ୍ତ ଯୋଗାଇ ଦିଆଯାଉଛି। ଏଥିସହ ବିଭିନ୍ନ ସମୟରେ ମେଡ଼ିକାଲ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିରର ଆୟୋଜନ କରାଯାଉଛି। ତଥାପି ରକ୍ତର ଆବଶ୍ୟକତା ପୂରଣ ହୋଇ ପାରୁନାହିଁ। ତେଣୁ ନୂତନ ରକ୍ତଦାତା ସୃଷ୍ଟି କରିବା, ମହିଳା ରକ୍ତଦାତାଙ୍କୁ ଅଧିକରୁ ଅଧିକ ସାମିଲ କରିବା, ରକ୍ତଦାନ ଶିବିର ଆୟୋଜନ କରି ସ୍ୱେଚ୍ଛାସେବୀ ସଂଗଠନ ମାନେ ପ୍ରୟାସ କରି ଆସୁଛନ୍ତି।

## ■ ତାତିରୁ ନିସ୍ତାର ନାହିଁ

# ବଢୁଛି ତରଭୁଜର ଚାହିଦା



**ଆସିକା,୧୩।୬(ସମିସ):** ଗଞ୍ଜାମ ଜିଲ୍ଲା ଲୋକଙ୍କୁ କଲବଲ କରୁଛି ଅସହ୍ୟ ତାତି। ଖରା ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ସକାଳ ୯ଟା ନ ହେଉଉରୁ ମୁଣ୍ଡଫଟା ଖରା ଆରମ୍ଭ ହୋଇଯାଉଛି। ଟାଣ ଖରା ଦେଖି ଲୋକେ ଘରୁ ବାହାରକୁ ଯିବାକୁ ଭୟ କରୁଛନ୍ତି। ରାସ୍ତାରେ ଯାଉଥିବା ବାଟୋଇ ଛାଇ ଟିକିଏ ପାଇଁ ଡହଳ ବିକଳ ହେଉଛିନ୍ତି। ପ୍ରଖର ତାତିରୁ ନିସ୍ତାର ପାଇବା ପାଇଁ ଲୋକେ ତରଭୁଜ ଖାଇବା ପାଇଁ ବହୁତ୍ ପସନ୍ଦ କରୁଛନ୍ତି। ତେଣୁ ଖରାକୁ ଦୃଷ୍ଟିରେ ରଖି ମାର୍କେଟରେ ବଢୁଛି ତରଭୁଜର ଚାହିଦା। ଯଦି ତରଭୁଜ କଥା କହିବା ତରୁଭୁଜ ବିଭିନ୍ନ ଜିଲାରୁ ଆସିଥାଏ ଗଞ୍ଜାମ ଜିଲ୍ଲାକୁ। କେବଳ ଖରା ଦିନେ ଏହାର ଚାହିଦା ଥିବା ବେଳେ ଏହା ପାଟିକୁ ଯେତିକି ସୁଆଦିଆ ଲାଗେ ଶରୀର ପାଇଁ ବି ସେତିକି ହିତକର। ଏଥିରେ ୯୦ ଭାଗ ଜଳ ରହିଥିବା ବେଳେ ସୁଗାର ମାତ୍ରା ୬ ପ୍ରତିଶତ ରହିଥାଏ। ତରଭୁଜରେ ଆଣ୍ଟିଅକସିଡେଣ୍ଟ, ଭିଟାମିନ-ଈ,ଉ, ଅମିନୋ ଏସିଡ, ପୋଟାସିୟମ ଏବଂ ଫାଇବରର ମାତ୍ରା ଭରପୂର ରହିଥାଏ। ତରଭୁଜ ଶରୀରକୁ ଥଣ୍ଡା ରଖିବା ସହ ମଧୁମେହ ନିୟନ୍ତ୍ରଣ ରଖିବାରେ ସାହାଯ୍ୟ କରିଥାଏ କ୍ଷ ତରଭୁଜ ଖାଇବା ଦ୍ୱାରା ଶରୀରର ଜଳିୟ ଅଂଶ ନିୟନ୍ତ୍ରଣ ରଖିଥାଏ। ଖରାର ଉତ୍ତାପରୁ ତ୍ୱଚାକୁ ରକ୍ଷା କରିଥାଏ। ତେଣୁ ଖରାଦିନେ ଲୋକ ମାନେ ତରଭୁଜ ଖାଇବା ପାଇଁ ବେଶ ପସନ୍ଦ କରୁଥିବାବେଳେ ଆସିକା ମାର୍କେଟରେ ତରଭୁଜର ଚାହିଦା ମଧ୍ୟ ବଢ଼ିବାରେ ଲାଗିଛି।

# ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ



**ଛତ୍ରପୁର,୧୩।୬(ସମିସ):** ସ୍ଥାନୀୟ ବ୍ଲକ ଅନ୍ତର୍ଗତ ଦିବ୍ୟସିଂହପୁର ଏବଂ ଭାଗିରଥୀପୁର ଶାସନ ଗ୍ରାମରେ ମହା ଆଡ଼ମ୍ବରରେ ହର ପାର୍ବତୀଙ୍କ ଶୀତଳଷଷ୍ଠୀ ଯାତ୍ରା ସମାପନ ହୋଇଯାଇଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ସମ୍ପନ୍ନ ହେବା ସହ ଭବ୍ୟ ଶୋଭାଯାତ୍ରାରେ ବର କନ୍ୟା ରୂପରେ ମହାଦେବ ଓ ମାତା ପାର୍ବତୀଙ୍କ ଚଳନ୍ତି ପ୍ରତିମା ନଗର ପରିଭ୍ରମଣ କରିଥିଲେ। ବର ପିତା ଭାବେ ରାଧା ଗୋବିନ୍ଦ ତ୍ରିପାଠୀ ଏବଂ କନ୍ୟା ପିତା ରୂପେ ପଣ୍ଡିତ ବାସୁଦେବ ମିଶ୍ରଙ୍କ ପୁତ୍ର ତଥା ସାମ୍ବାଦିକ ସନ୍ତୋଷ କୁମାର ମିଶ୍ର ଏବଂ ଭାଗିରଥିପୁର ସାଶନରେ ବର ପିତା ସୀମାଞ୍ଚଳ ରଥ ଓ କନ୍ୟା ପିତା ସୁରେନ୍ଦ୍ର ରଥ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଗୋଧୂଳି ଲଗ୍ନରେ ବାଜା, ବାଣ, ରୋଷଣୀ ଓ ପଟୁଆରରେ ଦେବ ଦେବ ମହାଦେବଙ୍କ ସହ ଶ୍ରଦ୍ଧାଳୁ ମାନଙ୍କ ସହ ଗ୍ରାମ ପରିକ୍ରମା ପରେ ମଣ୍ଡପରେ ପହଞ୍ଚି ଦେବ ଦମ୍ପତିଙ୍କର ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିବାହରେ କନ୍ୟାଘର ତରଫରୁ ମହାଦେବଙ୍କୁ ଯାନୀ ଯୌତୁକ ସହ ବନ୍ଦାଣ କରାଯାଇ ଅଭ୍ୟର୍ଥନା ଦେଇ ବିବାହ ସମାପନ ହୋଇଥିଲା। ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ଉପଲକ୍ଷେ ଶ୍ରଦ୍ଧାଳୁ ମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିବା ବେଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଦେବ ଦମ୍ପତିଙ୍କ ଆଶୀର୍ବାଦ ନେଇଥିଲେ। ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଦିବ୍ୟସିଂହପୁର ଗ୍ରାମ କମିଟି ସଭାପତି ସୁଧାଂଶୁ ଶେଖର ମିଶ୍ର, ସମ୍ପାଦକ ସୁଧାଂଶୁ ଶେଖର ଶତପଥୀ, ଦୁର୍ଗାଚରଣ ଶତପଥୀ, ପ୍ରଫୁଲ୍ଲ ଶତପଥୀ, ଯାତ୍ରା କମିଟି ଭାବେ ଜଗନ୍ନାଥ ମିଶ୍ର, ଜଗଦୀଶ ତ୍ରିପାଠୀ, ଅକ୍ଷୟ ମିଶ୍ର ଏବଂ ଭାଗିରଥିପୁର ଶାସନ ଗ୍ରାମର ପରିଚାଳନା କମିଟି ସୁରେଶ ଚନ୍ଦ୍ର ମିଶ୍ର ସମ୍ପାଦକ, ନିରଞ୍ଜନ ମିଶ୍ର, ସୀମାଞ୍ଚଳ ରଥ ସଭାପତି, ପ୍ରତାପ କେଶରୀ ମିଶ୍ର, ଭାରତୀ ଭୂଷଣ ତ୍ରିପାଠୀ ଏବଂ ଗ୍ରାମବାସୀ ଉପସ୍ଥିତ ରହି ସୁଚାରୁ ରୂପେ ପରିଚାଳନା କରିଥିଲେ।

## ସୁରତରେ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ

# ମୃତଦେହ ଆଣିବା ଲାଗି ଚିନ୍ତା

### ଶ୍ରମ ଅଧିକାରୀଙ୍କୁ ଭେଟିଲେ ପରିବାର ଲୋକେ




**ଛତ୍ରପୁର,୧୩।୬(ସମିସ)**

ସୁରତରେ କାମ କରୁଥିବା ବଳରାମପୁର ଗ୍ରାମର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ତାଙ୍କ ମୃତଦେହ ଫେରାଇ ଆଣିବା ପାଇଁ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଗୁହାରି କରିଛନ୍ତି ପରିବାରବର୍ଗ। ଛତ୍ରପୁର ବ୍ଲକ ଅନ୍ତର୍ଗତ ସୁନ୍ଦରପୁର ପଞ୍ଚାୟତର ବଳରାମପୁର ଗ୍ରାମର ସୁନୀଲ ନାହାକ ସୁରଥର ରବି ଏକ୍ସପୋର୍ଟ ଲିମିଟେଡ୍‌ରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ବୁଧବାର ଅପରାହ୍ନ ୪ଟାରେ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏବେ ମୃତଦେହ ନିଜ ଗ୍ରାମକୁ ଫେରାଇ ଆଣିବା ତାଙ୍କ ପରିବାର ପକ୍ଷେ ସମ୍ଭବ ହେଉ ନଥିବା ଯୋଗୁଁ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ମୃତ ସୁନୀଲଙ୍କ ବଡ଼ ଭାଇ ପ୍ରଶାନ୍ତ କୁମାର ନାହାକ। ଏନେଇ ସେ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଭେଟି ଏକ ସ୍ମାରକପତ୍ର ଦେଇଛନ୍ତି। ଏହି ସ୍ମାରକପତ୍ର ପ୍ରଦାନ ବେଳେ ସୁନ୍ଦରପୁର ସରପଞ୍ଚ ଗଗନ କୁମାର ବେହେରା ଓ ବସନ୍ତ କୁମାର ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

# ପାଗେଳା ବିଲୁଆ କାମୁଡ଼ାରେ ୫ ଗୁରୁତର

**ଦିଗପହଣ୍ଡି,୧୩।୬(ସମିସ):** ଦିଗପହଣ୍ଡି ବ୍ଲକ କୈଠଖଣ୍ଡି ଓ ନୂଆଗଡ ଗ୍ରାମର ୫ ଜଣ ପୁରୁଷ ଓ ମହିଳା ବିଲୁଆ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେମାନେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡମେଡିକାଲ୍ ସ୍ଥାନାନ୍ତର କରାଯାଇଛି। ୫ ଜଣ ଗୁରୁତରଙ୍କ ମଧ୍ୟରେ ଜଣେ ୫ ବର୍ଷର ବାଳକ ରହିଥିବା ଜଣାପଡିଛି। ଗୁରୁବାର ସକାଳେ ଏହି ଘଟଣା ଘଟିଥିଲା। ଗୁରୁତରମାନେ ହେଲେ କୈଠଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ନୂଆଁଗଡ ଗ୍ରାମର ମଲା ପ୍ରଧାନ(୫୫), ନିଲୁ ପ୍ରଧାନ(୫), ସୁଷମା ପ୍ରଧାନ(୫୧), ରଷ ପ୍ରଧାନ(୫୫) ଓ କଇଠଖଣ୍ଡି ଗ୍ରାମର ଟ୍ରାକ୍ଟର୍ ଚାଳକ ପ୍ରକାଶ ବେହେରା(୩୬) ବୋଲି ଜଣାପଡିଛି। ଗୁରୁବାର ସକାଳେ କୁନ୍ଦୁରି ବାଡକୁ ଯାଇଥିବା ବେଳେ ବାଡ ଭିତରେ ଥିବା ଥିବା ବିଲୁଆ ଆକ୍ରମଣରେ ଜଣକ ପରେ ଜଣେ ଏହିପରି ଚାରିଜଣ ଗୁରୁତର ଆହତ ହୋଇଯାଇଥିଲେ। ସେହିପରି ପ୍ରକାଶ ବେହେରା ଟ୍ରାକ୍ଟର୍ ଯୋଗେ ବାଲି ଆଣିବା ପାଇଁ ଘୋଡାହାଡ ନଦୀକୁ ଯାଇଥିବା ବେଳେ ଅନୁରୁପ ଭାବେ ବିଲୁଆ ଆକ୍ରମଣରେ ଶିକାର ହୋଇଥିବା ଜଣାପଡିଛି।

# ଜାମ୍ମୁ-କାଶ୍ମୀର ଆତଙ୍କୀ ହମ୍‌ଲା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି



**ଛତ୍ରପୁର,୧୩।୬(ସମିସ):** ଜାମ୍ମୁ-କାଶ୍ମୀରର କଟ୍ରାରୁ ଶିବ ଖଡ଼ି ତୀର୍ଥ ଯାତ୍ରୀ ବସ୍ ଯାଉଥିବା ସମୟରେ ଜୁନ ୯ ତାରିଖରେ ଆତଙ୍କବାଦୀ ଅଚାନକ ଆକ୍ରମଣ କରିଥିଲେ। ଫଳରେ ୧୦ ନିରୀହ ଲୋକଙ୍କ ଜୀବନ ଯାଇଥିଲା। ଏହି ଘଟଣାକୁ ସମଗ୍ର ଦେଶବାସୀ ନିନ୍ଦା କରିବା ସହ ସରକାର ଆତଙ୍କବାଦୀ ଦମନ କାର୍ଯ୍ୟକ୍ରମକୁ ଅଧିକ ଦୃଢ଼ କରାଯାଉ ବୋଲି ବଜରଙ୍ଗ ଦଳ ଗଞ୍ଜାମ ଜିଲ୍ଲା ପକ୍ଷରୁ ଏକ ଦାବିପତ୍ର ଗୁରୁବାର ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହି ଅଘଟଣରେ ମୃତ ହିନ୍ଦୁ ଯାତ୍ରୀଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ପରିବାର ପ୍ରତି ସହାୟ ହେବା ପାଇଁ ବଜରଙ୍ଗ ଦଳ ସରକାରଙ୍କୁ ନିବେଦନ କରିଛି। ଜାମ୍ମୁ-କାଶ୍ମୀରରୁ ୩୭୦ ଧାରା ଉଚ୍ଛେଦ କରାଯାଇ ଏକ ଶାନ୍ତିର ବାତାବରଣ ସୃଷ୍ଟି କରିବା ପାଇଁ ସରକାର ଚେଷ୍ଟା କରୁଥିବାବେଳେ ପାକିସ୍ତାନ ଆତଙ୍କବାଦୀଙ୍କ ଏଭଳି ଆକ୍ରମଣ ସେହି ଅଞ୍ଚଳକୁ ପୁଣି ଅଶାନ୍ତ ବାତାବରଣ ଆଡକୁ ଟାଣି ନେଉଛି ବୋଲି ଦଳର କାର୍ଯ୍ୟକର୍ତ୍ତାମାନେ କହିଛନ୍ତି।

## ଚୋରା ମଦ ବ୍ୟବସାୟୀ ସକ୍ରିୟ

# ମାଲାମାଲ୍ ହେଉଛନ୍ତି ମାଫିଆ; ଚୁପ୍ ବସିଛି ଅବକାରୀ ବିଭାଗ

**ଦିଗପହଣ୍ଡି,୧୩।୬(ସମିସ)**

ଦିଗପହଣ୍ଡି ଅବକାରୀ ଅଧୀନରେ ଥିବା କେରାଣ୍ଡିମାଳ ଜଙ୍ଗଲ ସହ ଗଞ୍ଜାମ-ଗଜପତି ସୀମାନ୍ତରେ ଚୋରା ମଦ କାରବାର ବ୍ୟାପକ ଭାବେ ଚାଲିଛି। କେରାଣ୍ଡିମାଳ ଜଙ୍ଗଲ ଓ ଗଞ୍ଜାମ-ଗଜପତି ସୀମାରେ ଥିବା ନିଘଞ୍ଚ ଜଙ୍ଗଲରେ ଦେଶୀମଦ ରନ୍ଧାଯାଇ ବିଭିନ୍ନ ଅଞ୍ଚଳକୁ ଚୋରା ଚଲାଣ ହେଉଥିବା ଦେଖାଦେଇଛି। ଏହି ଚୋରା ମଦ କାରବାରରେ ବଡ ବଡ ମାଫିଆମାନେ ଅବକାରୀ ବିଭାଗକୁ ଖୁସ୍ କରି ଖସି ପଳେଇ ଯାଉଥିବା ଅଭିଯୋଗ ହେଉଥିବା ବେଳେ ନିରିହ ଆଦିବାସୀମାନେ ଶିକାର ହେଉଥିବା ପରିଲକ୍ଷିତ ହେଉଛି। ନୂଆଗାଁ, ବାଟମହୁଲପଡା, ଦଳିମହୁଲପଡା, ତିନିଘରିଆ, ପିଲିକାଢିଅ, ଡାମଣାପଦର, ଛଣବଗଡ, ଜୁଆଣପଲ୍ଲୀ, ବଡପଦା,



ଟି.ଗୋବିନ୍ଦପୁର, ବାବୁଲିବନ୍ଧ, ତଡା ଇତ୍ୟାଦି ଗ୍ରାମାଞ୍ଚଳରେ ଥିବା ଛକ ମାନଙ୍କରେ ନିଶାଖୋରମାନଙ୍କ ଦୌରାତ୍ମ୍ୟ ଯୋଗୁଁ ଭୟର ବାତାବରଣ ଦେଖାଦେଇଛି। ଦିଗପହଣ୍ଡିସ୍ଥିତ ଅବକାରୀ କାର୍ଯ୍ୟାଳୟରେ ଅବସ୍ଥାପିତ କର୍ମଚାରୀମାନେ ରହୁନଥିବା ଯୋଗୁଁ ଏହି ଅଞ୍ଚଳମାନଙ୍କରେ ଚୋରା ମଦ ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ଏ ଦିଗରେ ଅବକାରୀ ବିଭାଗର ନିଷ୍କ୍ରିୟତାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଅବକାରୀ କର୍ମଚାରୀମାନେ ଚଢ଼ଉ କରି ପୋଚଗୁଡିକ ନଷ୍ଟ କରୁଛନ୍ତି। କିନ୍ତୁ ଏହି ଚୋରାମଦ କାରବାରରେ ବର୍ତ୍ତମାନ ସୁଦ୍ଧା କାହାରିକୁ ଗିରଫ କରାଯାଇନଥିବା ଜଣାପଡିଛି। ଅବକାରୀ ବିଭାଗର କିଛି ଅସାଧୁ କର୍ମଚାରୀମାନେ ମଦ ବେପାରୀଙ୍କ ଠାରୁ ମାସିକିଆ ବଟି ଅସୁଲ କରୁଥିବା ଅଭିଯୋଗ ହେଉଛି। ତେଣୁ ଯେତେବେଳେ ଉକ୍ତ ଅଞ୍ଚଳରେ ଚଢ଼ଉ ହେବାର ଥିବ ସେତେବେଳେ ସେମାନେ ମଦ ମାଫିଆମାନଙ୍କୁ ଆଗୁଆ ସୂଚନା ଦେଇଥାନ୍ତି ବୋଲି ମଦ ବେପାରୀମାନେ ନାମକୁ ଗୋପନ ରଖି କହିଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ସୁଧୁରୁନି ପାନୀୟ ଜଳ ସମସ୍ୟା

# ପୁରୁଷୋତ୍ତମପୁର-ହୁମ୍ମା ରାସ୍ତା ଅବରୋଧ କଲେ ଗ୍ରାମବାସୀ

**ଗଞ୍ଜାମ,୧୩।୬(ସମିସ):** ପାନୀୟ ଜଳ ସମସ୍ୟାକୁ ନେଇ ଲୋକେ ଅତିଷ୍ଠ। ବାରମ୍ବାର ଅଭିଯୋଗ ପରେ ମଧ୍ୟ କେହି ନଶୁଣିବାରୁ ଶେଷରେ ହାଣ୍ଡି ମାଠିଆ ରଖି ରାସ୍ତାରୋକ କରିଲେ ଗ୍ରାମବାସୀ। ଏଭଳି ଘଟଣା ଗଞ୍ଜାମ ବ୍ଲକ ହୁମ୍ମା ଗ୍ରାମରେ ଦେଖିବାକୁ ମିଳିଛି। ଗଞ୍ଜାମ ବ୍ଲକ ହୁମ୍ମା ଗ୍ରାମରେ ଦୀର୍ଘ ୨ ମାସରୁ ଉର୍ଦ୍ଧ୍ୱ ସମୟ ଧରି ପାନୀୟ ଜଳର ସମସ୍ୟା ଲାଗି ରହିଥିଲା। ଏହାର ସମାଧାନ ନହେବାରୁ ଗୁରୁବାର ହାଣ୍ଡି, ମାଠିଆ ଧରି ରାସ୍ତାରୋକ କରିଥିଲେ ଗ୍ରାମବାସୀ। ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଥିବା ବେଳେ ଗ୍ରାମକୁ ଦୀର୍ଘ ଦିନ ଧରି ପାନୀୟ



ଜଳ ଆସୁନଥିବାରୁ ସେମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଲେ ମଧ୍ୟ କେହି ଶୁଣୁନଥିବାରୁ ଶେଷରେ ଆନ୍ଦୋଳନ ପନ୍ଥା ଗ୍ରହଣ କରିବାକୁ ବାଧ ହେଲେ ବୋଲି ମହିଳା ମାନେ କହିଥିଲେ। ହୁମ୍ମା ଫାଣ୍ଡି ପୁଲିସ ଓ ଗ୍ରାମ୍ୟ ଜଳ ବିଭାଗ ଯନ୍ତ୍ରୀ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ କିଛି ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ କରାଯିବା ନେଇ ପ୍ରତିଶ୍ରୁତି ପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ।

# ଜେଲ୍ ଭିତରେ ରହି ରୋଜଗାର କରୁଛନ୍ତି ୧୪୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀ



**ବ୍ରହ୍ମପୁର,୧୩।୬(ସମିସ):** ବ୍ରହ୍ମପୁର ମଣ୍ଡଳ କାରାଗାରରେ ସମୁଦାୟ ୯୨୪ଜଣ ଅନ୍ତେବାସୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୮୯୭ଜଣ ପୁରୁଷ, ୨୬ଜଣ ମହିଳା ଜଣେ କିନ୍ନର ଅନ୍ତେବାସୀ ଅଛନ୍ତି। ଜେଲରେ ଥିବା ମୋଟ ଅନ୍ତେବାସୀଙ୍କ ମଧ୍ୟରୁ ୧୪୦ରୁ ଉର୍ଦ୍ଧ୍ୱ ହେଉଛନ୍ତି ବିଚାରାଧୀନ ବନ୍ଦୀ। ଆଜୀବନ କାରାବରଣ କରିଥିବା ଅନ୍ତେବାସୀଙ୍କ ସହିତ ବିଚାରାଧୀନ ବନ୍ଦୀଙ୍କ ମଧ୍ୟରୁ ପ୍ରାୟ ୨୫ପ୍ରତିଶତ ଜେଲରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ଯାହା ସେମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧିରେ ସହାୟକ

- **ଶୃଙ୍ଖଳିତ ଜୀବନଧାରା ସହ ସମୟର ସଦୁପଯୋଗ କରୁଛନ୍ତି କଏଦୀ**
- **ପ୍ରସ୍ତୁତ ସାମଗ୍ରୀ ବିକ୍ରିରୁ ମିଳୁଥିବା ଲାଭାଂଶରୁ ହେଉଛନ୍ତି ଉପକୃତ**












ହେଉଛି। ବ୍ରହ୍ମପୁର ମଣ୍ଡଳ କାରାଗାରରେ ରାଇସ୍ ଟ୍ରେ, ମଗ୍, ବାକ୍ସେଟ୍ ଓ ଭାତ ଛଣା ଜାଲି ଆଦି କଏଦୀମାନେ ତିଆରି କରୁଛନ୍ତି। ଜେଲ ଭିତରେ ରହିଛି ଏକ ଫୁଡ୍ ପ୍ରୋସେସିଂ ୟୁନିଟ୍। ଯେଉଁଠାରେ ଅଟା, ମାଣ୍ଡିଆ ଚୂନା, ଲାଇଟ କିମ୍ ଖୁଦ, ବିରି ଚାଉଳ ଖୁଦ, ଓଡ଼ିଲି ରାଓ୍ୱା, ଛତୁଆ ଆଦି ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ଏହିସବୁ କାର୍ଯ୍ୟରେ କଏଦୀମାନେ ସକ୍ରୀୟ ସାମିଲ ରହିଛନ୍ତି। ସେହିଭଳି ଜେଲରେ କଏଦୀଙ୍କ ଦ୍ୱାରା ପ୍ରସ୍ତୁତ ଫିନାଇଲ୍ ବାହାରକୁ ଅର୍ଥାତ୍ ବଜାରକୁ ବିକ୍ରୀ ପାଇଁ ପଠାଯାଉଛି। ଅନୁରୂପ ଭାବେ ହସ୍ତତନ୍ତକୁ ଏଠାରେ ବିଶେଷ ପ୍ରାଧାନ୍ୟ ଦିଆଯାଉଛି। ଫଳରେ କଏଦୀମାନେ ବିଭିନ୍ନ ପ୍ରକାର ଚାଦର, ଗାମୁଛା ଓ ସାର୍ଟ କପଡ଼ା ଆଦି ବୁଣି ପାରୁଛନ୍ତି। ଏଥିପାଇଁ ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି। ଜେଲରେ ଥିବା ଟେଲରିଂ ୟୁନିଟ୍‌ରେ ବହୁ କଏଦୀ କାର୍ଯ୍ୟରତ ଅଛନ୍ତି। ବାହାରୁ ଆସୁଥିବା ଅର୍ଡରର ସହିତ ଜେଲର ଅନ୍ତେବାସୀଙ୍କ ପାଇଁ ଆବଶ୍ୟକ ଗଞ୍ଜି ଆଦି କଏଦୀମାନେ ସିଲେଇ କରୁଛନ୍ତି। ଅନ୍ୟପକ୍ଷରେ ଜେଲ ଭିତରେ କଏଦିମାନେ ମାଛ, ଜିଆ, ଛତୁ ଓ ପନିପରିବା ଆଦି ଚାଷ କରୁଛନ୍ତି। ନିକଟରେ ବ୍ରହ୍ମପୁର ଜେଲ ମଧ୍ୟରେ ଏକ କାଠଶିଳ୍ପ ୟୁନିଟ୍ ସ୍ଥାପନ କରାଯାଇଛି। ଏଠାରେ କିଛି କଏଦୀ ନିୟୋଜିତ ରହି କାଠରେ ବିଭିନ୍ନ ସାମଗ୍ରୀ ତିଆରି କରୁଛନ୍ତି। ଯାହା ଅନେକଙ୍କ ଦ୍ୱାରା ପ୍ରଶଂସନୀୟ ହୋଇଛି। ବ୍ରହ୍ମପୁର ଜେଲରେ ପ୍ରସ୍ତୁତ ସାମଗ୍ରୀ ରାଜ୍ୟର ଅନ୍ୟ ୨୩ଟି ଜେଲକୁ ପଠାଯାଇଥାଏ। ଜେଲରେ ବନ୍ଦୀମାନଙ୍କ ଦ୍ୱାରା ଦରି, ଚାଦର, ଆସନ, ଗାମୁଛା, ପାଇଜାମା(ପେଣ୍ଟ),ସାର୍ଟ କପଡ଼ା, ରୁମାଲ, ପେଷ୍ଟ, ଫିନାଇଲ, ଜିଆର ବକ୍ସ ଓ ଡଷ୍ଟବିନ ସହ ଆନ୍ୟନ୍ୟ ସାମଗ୍ରୀ ତିଆରି ହୁଏ। କଏଦୀଙ୍କ ଦ୍ୱାରା ପ୍ରସ୍ତୁତ ଦରି, ଚଦର ଗାମୁଛା କୁର୍ତ୍ତା, ପେଣ୍ଟ ବ୍ରହ୍ମପୁର ଜେଲରୁ ୨୩ଟି ଜେଲକୁ ପଠାଯାଉଥିବା ଜେଲର ସତ୍ୟ ନାରାୟଣ ବେହେରା ସୂଚନା ଦେଇଛନ୍ତି। ବନ୍ଦୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଯଥା ଅଟା, ବେସନ, ଛତୁଆ,ହଳଦୀଗୁଣ୍ଡ, ମାଣ୍ଡିଆ ଚୂନା, ତେଲ ଆଦି ୨୦୨୩-୨୪ମସିହାରେ ମୋଟ ୧୩ଲକ୍ଷ ୪୪ହଜାର୯୧୭ମୂଲ୍ୟର କାରବାର ହୋଇଥିଲା। ସେହିଭଳି ୨୦୨୧-୨୨ରେ ମୋଟ ୧୧ଲକ୍ଷ ୪୭ହଜାର ୬୪୨ଟଙ୍କାର ସାମଗ୍ରୀ ବ୍ରିକ୍ରି ହୋଇଛି। ସେହିପରି ଗାମୁଛା, ପେଣ୍ଟ, ଚଦର ୯ଲକ୍ଷ ୯ହଜାର ୬୩୧ଟଙ୍କା ହୋଇଥିବା ବେଳେ ୨୦୨୧-୨୨ରେ ୧୧ଲକ୍ଷ୯ ହଜାର ୯୪୬ଟଙ୍କାର ସାମଗ୍ରୀ ବ୍ରିକ୍ରି ହୋଇଛି। ଅନୁରୂପ ଭାବେ ବଗିଚାରୁ ଉତ୍ପାଦିତ ପରିବାର ଯଥା ବାଇଗଣ, ଫୁଲକୋବି, ଟମାଟ, କଖାରୁ, ଲାଉ, ଜହ୍ନି ଓ କଦଳୀ ଆଦି ୩ଲକ୍ଷ ୭୭ ହଜାର ୫୦୦ଟଙ୍କାର ବ୍ରିକି ହୋଇଥିବା ବେଳେ ୨୦୨୧-୨୨ରେ ୨ଲକ୍ଷ ୯୫ହଜାର ୪୨୩ଟଙ୍କାର ପରିବା ବ୍ରିକି ହୋଇଛି। ଚଳିତ ବର୍ଷ ମୋଟ ୨୬ଲକ୍ଷ ୩୨ହଜାର ଟଙ୍କା ସାମଗ୍ରୀ ବିକ୍ରି ହୋଇଛି। ସାମଗ୍ରୀ ଗୁଡିକୁ ବିକ୍ରୀ କରିବା ଦ୍ୱାରା ଆଦାୟ ହେଉଥିବା ମୋଟ ଅର୍ଥକୁ ତିନୋଟି ପର୍ଯ୍ୟାୟରେ ପାଇଥାନ୍ତି ଏଥିରେ ନିୟୋଜିତ ୧୪୦ରୁ ଉଦ୍ଧ୍ୱର୍ ଅନ୍ତେବାସୀ। ଅଣ କୁଶଳୀଙ୍କୁ ୯୫ଟଙ୍କା ଓ ଅର୍ଦ୍ଧକୁଶଳୀଙ୍କୁ ୧୧୫ଟଙ୍କା ଓ କୁଶଳୀ ଅନ୍ତେବାସୀଙ୍କୁ ୧୪୫ ଟଙ୍କା ହିସାବରେ ପ୍ରାପ୍ୟ ମିଳିଥାଏ।

### ପିଚୁ ପ୍ଲାଣ୍ଟରେ ଅଗ୍ନିକାଣ୍ଡ

## ଲକ୍ଷାଧିକ ଟଙ୍କାର ଯନ୍ତ୍ରପାତି ପୋଡ଼ି ନଷ୍ଟ

**ଦାରିଙ୍ଗବାଡ଼ି,୧୩।୬(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଥାନା କିରିକୁଟି ପଞ୍ଚାୟତ ଅଲାରୀରେ ଏକ ପିଚୁ ପ୍ଲାଣ୍ଟରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଜଣାପଡିଛି। ଉକ୍ତ ପ୍ଲାଣ୍ଟର ମୁଖ୍ୟ ଭାଗରେ କାର୍ଯ୍ୟରତ ମିସ୍ତ୍ରି ଓ ଶ୍ରମିକ ଧୂଆଁ ବାହାରୁଥିବା ଦେଖିଥିଲେ ଏବଂ ନିଆଁକୁ ଆୟତ୍ତ କରିବା ପାଇଁ ପ୍ରଥମେ କ୍ରସର ରୁ ବାହାରୁଥିବା ଡଷ୍ଟ ପକାଇ ଲିଭାଇବାକୁ ଉଦ୍ୟମ କରାଯାଇଥିଲା । ତେବେ ସମ୍ଭବ ନ ହେବାରୁ ଦାରିଙ୍ଗବାଡି ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା । ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲା। ପ୍ରାୟ ୨ ଘଣ୍ଟା ପରିଶ୍ରମ କରି ପ୍ଲାଣ୍ଟର ଭିତର ଭାଗରେ ଲାଗିଥିବା ନିଆଁକୁ ଲିଭାଇବା ସମ୍ଭବ ହୋଇଥିଲା ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି । ନିଆଁରେ ଲକ୍ଷାଧିକ ଟଙ୍କାର ଯନ୍ତ୍ରପାତି ପୋଡି ନଷ୍ଟ ହୋଇଯାଇଛି। ମରାମତି ପାଇଁ ସମୟ ଲାଗିବ ବୋଲି ପ୍ଲାଣ୍ଟର ମାଲିକ ରବି ସୁବୁଦ୍ଧି କହିଛନ୍ତି। ବଡ଼ ଅଘଟଣରୁ ପ୍ଲାଣ୍ଟର ବହୁତ ଅଂଶ ସମେତ ନିକଟରେ ଥିବା ୨ଟି ପିଚୁ ଭର୍ତ୍ତି ଟ୍ୟାଙ୍କ ସୁରକ୍ଷିତ ରହିଛି। ପିଚୁ ଟ୍ୟାଙ୍କ ନିକଟରେ ଥିବାରୁ ନିଆଁ ବ୍ୟାପିଲେ ବଡ଼ ବିପଦ ସୃଷ୍ଟି ହୋଇଥାନ୍ତା ବୋଲି କୁହାଯାଇଛି। ସିମନବାଡି ଠାରୁ ବୁଡ଼ାଗୁଡା ପୂର୍ତ୍ତ ବିଭାଗର ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଜୋରଦାର ଚାଲିଥିବା ବେଳେ ବର୍ଷା ପୂର୍ବରୁ ଠିକା ସଂସ୍ଥା ପକ୍ଷରୁ ପିଚୁ ଢ଼ଳେଇ କାର୍ଯ୍ୟ ଚାଲିଥିଲା । ଏବେ ଅଞ୍ଚଳର ଏକ ମାତ୍ର ପ୍ଲାଣ୍ଟ ପୋଡି ଅଚଳ ହେବାରୁ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ବାଧାପ୍ରାପ୍ତ ହେବା ସମ୍ଭାବନା ରହିଛି।

## ଖଜୁରୀପଡ଼ା ଅଞ୍ଚଳରେ ହାତୀ ଉପଦ୍ରବ

**ଖଜୁରିପଡା,୧୩।୬(ସମିସ):** କନ୍ଧମାଳ ଜିଲ୍ଲା ଖଜୁରିପଡା ନିକଟସ୍ଥ କୁଟିବାରୀ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଏକ ୧୪ ଟିକିଆ ହାତୀପଲ ପଶି ଉପଦ୍ରବ କରିଥିବା ଜଣାପଡ଼ିଛି। ଗ୍ରାମର ପବିତ୍ର ପ୍ରଧାନଙ୍କ ଘର ପଛ ପଟେ ଥିବା ତାର ବାଡ ଭାଙ୍ଗି ୧୫ରୁ ଅଧିକ କଦଳି କାନ୍ଧି ଭାଙ୍ଗି ଖାଇବା ସହିତ ପଣସ, ଆମ୍ବ, ବାଉଁଶ ଗଛ ଭାଙ୍ଗି ଦେଇଛନ୍ତି ହାତୀପଲ। ସକାଳୁ ସକାଳୁ ଦଳପଡ଼ାରୁ ଖଜୁରୀପଡା ଯାଉଥିବା ଲୋକେ ତାଡ଼ିସରୁ ଜଙ୍ଗଲରେ ଦନ୍ତା ହାତୀ ଦେଖିବା ପରେ ଭୟଭୀତ ହୋଇ ସ୍ଥାନୀୟ ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। ଫୁଲବାଣୀ ବନାଞ୍ଚଳ ଅଧିକାରୀ ଶିବାନନ୍ଦ ଲେଙ୍କା, ଖଜୁରୀପଡ଼ା ଫରେଷ୍ଟର ପ୍ରତାପ କୁଣ୍ଡି ଓ ଅନ୍ୟମାନେ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସେଠାରେ ହାତୀ ମଳ ତ୍ୟାଗ କରିଥିବା ଦେଖିବାକୁ ମିଳିଛି। ବନବିଭାଗ କର୍ମଚାରୀ ପାଖ ଜଙ୍ଗଲକୁ ଯାଇ ହାତୀପଲକୁ ଘଉଡ଼ାଇବା ସହିତ ଡ୍ରୋନ କ୍ୟାମେରା ଯୋଗେ ହାତୀଙ୍କ ଗତିବିଧି ଉପରେ ନଜର ରଖିଥିବା ବନାଞ୍ଚଳ ଅଧିକାରୀ ଶ୍ରୀ ଲେଙ୍କା କହିଛନ୍ତି।

## ବିଭିନ୍ନ ସ୍ଥାନରୁ ଏକାଧିକ ଗାଡ଼ି ଚୋରି

**ବ୍ରହ୍ମପୁର,୧୩।୬(ସମିସ):** ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରୁ ଏକାଧିକ ବାଇକ ଚୋରି ହୋଇଛି। ଗତକାଲି ସୁବାରାଓ ଛକରୁ ଏକ ସ୍କୁଟି ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି। ଆସିକା ରୋଡ ନିଳାଦ୍ରିବିହାର ନିବାସୀ ଏମଡି. ସୋହେଲେ ବୁଧବାର ସୁବାରାଓ ଛକକୁ ଔଷଧ କିଣିବାକୁ ଆସିଥିଲେ। ସେ ଛକ ନିକଟରେ ୧୦ ମିନିଟ ପାଇଁ ନିଜ ସ୍କୁଟି ରଖି ଔଷଧ କିଣିବାକୁ ଯାଇଥିବା ବେଳେ ତାହା ଚୋରି ହୋଇଯାଇଥିଲା। ଘଟଣାକୁ ନେଇ ସେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେହିପରି ବାପୁଜୀନଗର ଦ୍ୱିତୀୟ ଲାଇନ ନିବାସୀ ସୁଭମ ମହାନ୍ତି ଦୁଇ ଦିନ ପୁର୍ବେ ନିଜ ଘର ନିକଟରେ ବାଇକ ରଖିଥିଲେ। ହେଲେ କିଛି ସମୟ ପରେ ବାହାରକୁ ଆସି ଦେଖିବା ବେଳେ ତାଙ୍କ ବାଇକଟି ସେହି ସ୍ଥାନରେ ନଥିଲା। ଖୋଜାଖୋଜି ପରେ ବାଇକଟି ନମିଳିବାରୁ ସୁଭମ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ସେହିପରି କିଛି ଦିନ ପୁର୍ବେ ନିଳକଣ୍ଠନଗର ଦ୍ୱିତୀୟ ଲାଇନର ଜ୍ୟୋସ୍ନା ମହାଙ୍କୁଡ ନିଜ ସ୍ୱାମୀଙ୍କ ସହ ବାଇକ ଯୋଗେ ଗିରିରୋଡ ସ୍ଥିତ ବାଳିକା ବିଦ୍ୟାଳୟ ନିକଟକୁ ଆସିଥିଲେ। ବିଦ୍ୟାଳୟ ନିକଟରେ ବାଇକଟି ରଖି ଉଭୟ କୌଣସି କାମରେ ନିକଟ ଅଞ୍ଚଳକୁ ଯାଇଥିଲେ। କାମ ସାରି ଫେରିବା ପରେ ସେଠାରୁ ବାଇକଟି ଚୋରି ହୋଇଯାଇଥିବା ସେ ଦେଖିବାକୁ ପାଇଥିଲେ। ଏନେଇ ସେ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ମହିଳାଙ୍କୁ ହତ୍ୟା ଅଭିଯୋଗ

**ଥାନାରେ ମାମଲା; ମସାଣିରୁ ନମୁନା ସଂଗ୍ରହ କଲା ପୁଲିସ**

**ବ୍ରହ୍ମପୁର,୧୩।୬(ସମିସ):** ଗୋପାଳପୁର ଥାନା ଅନ୍ତର୍ଗତ ରଙ୍ଗେଇଲୁଣ୍ଡା ଗ୍ରାମର ଜଣେ ବିବାହିତ ମହିଳାଙ୍କୁ ଶଶୁର ଘର ଲୋକେ ହତ୍ୟା କରିଥିବା ନେଇ ଝିଅର ମାଆ ଗୋପାଳପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପ୍ରକାରେ ପୁଲିସ କେସ ନମ୍ବର ୧୮୩/୨୪ରେ ମାମଲା ରୁଜୁ କରି ରଙ୍ଗେଇଲୁଣ୍ଡା ଝିଅର ଶଶୁର ଘରକୁ ଯାଇ ତଦନ୍ତ କରିବା ସହ ଶ୍ମଶାନକୁ ଯାଇ ମୃତକଙ୍କ ହାଡ଼ ଓ ପାଉଁଶ ସଂଗ୍ରହ କରିଛି। ସୂଚନା ପ୍ରକାରେ ଜରଡ଼ା ଥାନା ଅନ୍ତର୍ଗତ ବି. ନୁଆଁ ଗାଁର ଏମ. ଜାଗାମ୍ମାଙ୍କ ଝିଅ ବି. ପୁଷ୍ପା (୨୨) ରଙ୍ଗେଇଲୁଣ୍ଡା ଗ୍ରାମର ବି. ଦଣ୍ଡପାଣିଙ୍କୁ ୨୦୨୧ ମସିହାରେ ବିବାହ କରିଥିଲେ। ତାଙ୍କର ଗୋଟିଏ ପୁତ୍ର ସନ୍ତାନ ରହିଥିବା ମଧ୍ୟ ଜଣାପଡ଼ିଛି। କୌଣସି କାରଣକୁ ନେଇ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ମାରପିଟ ହୋଇଥିଲା। ଏ ନେଇ ଦଣ୍ଡପାଣି ଶାଶୂକୁ ଘରକୁ ଡକାଇଥିଲେ। ଶାଶୁ ଗତ ଶୁକ୍ରବାର ସନ୍ଧ୍ୟାରେ ଝିଅ ଘରକୁ ଆସି କାରଣ ବୁଝିବା ସହ ବୁଝାସୁଝା କରିଥିଲେ। ଶନିବାର ସକାଳ ପ୍ରାୟ ୬ଟା ସମୟରେ ସେ ନିଜ ଗାଁକୁ ଚାଲି ଯାଇଥିଲେ। ଘରେ ପହଞ୍ଚିବାର କିଛି ସମୟ ମଧ୍ୟରେ ଝିଅର ଶଶୁର ଘର ପକ୍ଷରୁ ଝିଅ ଆତ୍ମହତ୍ୟା କରିଥିବା ନେଇ ଜଣାଇଥିଲେ। ଝିଅର ପରିବାର ଲୋକେ ସେଠାରେ ପହଞ୍ଚି ଦେଖିବା ବେଳକୁ ଝିଅର ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ। ପରେ ଉଭୟ ପରିବାର ଉପସ୍ଥିତିରେ ସ୍ଥାନୀୟ ମସାଣିରେ ଶବ ଦାହ କରିଥିଲେ। ଆଜି ମୃତ ଝିଅର ମା' ତାଙ୍କ ଝିଅକୁ ଶଶୁର ଘର ଲୋକେ ହତ୍ୟା କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ ଶଶୁର ଘର ପରିବାର ସହ ଆଲୋଚନା କରି ମସାଣିରୁ ହାଡ଼, ପାଉଁଶ ଆଦି ସଂଗ୍ରହ କରିବା ସହ ସ୍ୱାମୀ ଦଣ୍ଡପାଣିକୁ ଥାନାରେ ଅଟକ ରଖି ତଦନ୍ତ କରୁଛି। ତଦନ୍ତ ବେଳେ ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ପରିଡ଼ା, ଗୋପାଳପୁର ଥାନା ଅଧିକାରୀ ଶରତ କୁମାର ମାହାଲିକ, ଭଞ୍ଜ ବିହାର ଫାଣ୍ଡି ଅଧିକାରୀ ଜେ. ମଲ୍ଲିକ, ସାଇଣ୍ଟିଫିକ ଟିମ୍ ପ୍ରମୁଖ ଉପସ୍ଥିତ ରହି ନମୁନା ସଂଗ୍ରହ କରିଥିଲେ। ପୁଲିସ କହିବା ପ୍ରକାରେ ମୃତ ପୁଷ୍ପା ଶୁକ୍ରବାର ଦିନ ରାତିରେ ମିଳିମିଶି ଭୋଜନ କରିଥିଲେ। ଶନିବାର ଦିନ ସକାଳ ପ୍ରାୟ ୬ଟା ପରେ ତାଙ୍କ ମା' ଘରକୁ ଯିବା ପରେ ନିତ୍ୟକ୍ରମ ଶାରୀ ବେଡ୍‌ରୁମକୁ ଯାଇଥିଲେ। କିଛି ସମୟ ପର୍ଯ୍ୟନ୍ତ କବାଟ ନ ଖୋଲିବାରୁ ଶଶୁର ଘର ଲୋକେ କବାଟ ବାଡେଇବାରୁ ଭିତର ପଟେ ଥିବା ଲକ୍‌ଟି ଖୋଲି ଯାଇଥିଲା। ପୁଷ୍ପା ଫ୍ୟାନ ହୁକରେ ଲୁଗାଦେଇ ଝୁଲୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ ବୋଲି ପୁଲିସ କହିଛି।

## ବାଇକ୍ ପୋଡ଼ି ମାମଲାରେ ୨ ଗିରଫ

**ରଙ୍ଗେଇଲୁଣ୍ଡା,୧୩।୬(ସମିସ):** ଗୋଳନ୍ଥରା ଥାନା ଅଧିନସ୍ଥ ଦୁବପୁଲ୍ଲୀ ଗ୍ରାମରେ ଗତ ୭ ତାରିଖରେ ଦୁଇଟି ବାଇକ୍ ପୋଡି ଦେଇଥିଲେ ଦୁର୍ବୃତ୍ତ। ଏହି ମାମଲାରେ ଗୁରୁବାର ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଦୁବପୁଲ୍ଲୀ ଗ୍ରାମ ଗୋପାଳକୃଷ୍ଣ ମହାପାତ୍ର ଓ ଆମ୍ବପୁର ଗ୍ରାମର ବିରଜା ରାଉଳ। ଦୁବପୁଲ୍ଲୀ ଗାଁର ଦୁର୍ଯ୍ୟୋଧନ ମହାପାତ୍ର ଗତ ୭ ତାରିଖରେ ଘରେ ନିଥିବା ବେଳେ ଘରେ ସମ୍ମୁଖରେ ଥିବା ତାଙ୍କ ୨ଟି ବାଇକକୁ ଦୁର୍ବୃତ୍ତ ମାନେ ପୋଡି ଦେଇଥିଲେ। ଦୁର୍ଯ୍ୟୋଧନ ଦେଖିବାବେଳକୁ ବାଇକ ଗୁଡ଼ିକ ସମ୍ପୂର୍ଣ୍ଣ ପାଉଁଶ ହୋଇଯାଇଥିଲା। ଏନେଇ ଦୁର୍ଯ୍ୟୋଧନ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା କେସନଂ ୨୫୨/୨୪ ପ୍ରକାରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ପୁଲିସ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଉଠେଇ ନେଇ ଥାନାରେ ଅଟକ ରଖି ପଚାର ଉଚରା କରିବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବାଇକ ପୋଡିଥିବା ନେଇ ଅଭିଯୁକ୍ତ ମାନେ ପ୍ରକାଶ କରିଥିଲେ।

### ଗଞ୍ଜେଇ ଜବତ ମାମଲା

## ଅଭିଯୁକ୍ତକୁ ୧ ବର୍ଷ ଜେଲ୍

**ବ୍ରହ୍ମପୁର,୧୩।୬(ସମିସ):** ଅତିରିକ୍ତ ଜିଲ୍ଲା ଦୌରାଜଜ-୧ ଡ. ଇନ୍ଦୁ ଶର୍ମା ଗୁରୁବାର ଏକ ଗଞ୍ଜେଇ ଚୋରାଚାଲାଣ ମାମଲାର ବିଚାରଣା କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ୧ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୧ବର୍ଷ କାରାଦଣ୍ଡରେ ଦଣ୍ଡିତ ପାଇଁ ଉକ୍ତ ରାୟରେ ଉଲ୍ଲେଖ ରହିଛି। ଦୋଷୀ ସାବ୍ୟସ୍ତ ଅଭିଯୁକ୍ତ ଜଣଙ୍କ ହେଲେ ପଶ୍ଚିମବଙ୍ଗ ମୁର୍ସିଦାବାଦ ଜିଲା ରାଣୀନଗର ଅଞ୍ଚଳର ସାଇବୁଲ ଇସମାଇଲ(୧୯) । ସୂଚନାଯୋଗ୍ୟ ଯେ, ଗଜପତି ଜିଲ୍ଲା ମୋହନା ଅଞ୍ଚଳରୁ ଦିଗପହଣ୍ଡି ଦେଇ ବ୍ରହ୍ମପୁର ଗଞ୍ଜେଇ ଚାଲାଣ ହେଉଥିବା ଅବକାରୀ ବିଭାଗକୁ ଖବର ମିଳିଥିଲା। ଏହାକୁ ଆଧାର କରି ତତ୍କାଳୀନ ଇନ୍ସପେକ୍ଟର ଗୀତାଞ୍ଜଳି ସାହୁ ଓ ତାଙ୍କ ଟିମ ଦିଗପହଣ୍ଡି ପୁଞ୍ଜିକୟାଁ ଛକରେ ଗାଡ଼ି ଯାଞ୍ଚ କରୁଥିବା ବେଳେ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଏକ କାର ନଂ. ଡବ୍ଲୁବି ୨୦ ଜେଡ ୯୦୯୮କୁ ଅଟକାଇ ଯାଞ୍ଚ କରିଥିଲେ । ଉକ୍ତ ଗାଡିରେ ୧୦୦ କିଲୋ ଅର୍ଥାତ ଏକ କୁଇଣ୍ଟାଲ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା । ଉକ୍ତ ଟିମ ଗଞ୍ଜେଇ ଜବତ କରି ଗାଡି ଚାଳକ ସାଇବୁଲ ଇସମାଇଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତ ଅଧିକାରୀ ତଥା ତତ୍କାଳୀନ ଅବକାରୀ ଗୋଇନ୍ଦା ଇନ୍ସପେଚକ୍ଟର ଗୀତାଞ୍ଜଳି ସାହୁ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ । ରାୟ ପ୍ରକାଶ ବେଳେ ଗିରଫଠାରୁ ମଣ୍ଡଳକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିବା ଇସମାଲଇକୁ କୋର୍ଟରେ ହାଜର କରାଯାଇଥିଲା। ମାମଲାର ବିଚାରଣା ବେଳେ ୩ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ମିଳିଥିବାରୁ କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ମକଦ୍ଦମା ପରିଚାଳନା କରୁଥିଲେ।

### ଜାଲ୍ ପ୍ରମାଣପତ୍ରରେ ଚାକିରି ପାଇଁ ଆବେଦନ ଅଭିଯୋଗ

## ସିବିଆଇ ଅଧିକାରୀଙ୍କ ତଦନ୍ତ

**ଫୁଲବାଣୀ,୧୩।୬(ସମିସ):** ଜାଲ ପ୍ରମାଣପତ୍ର ଦେଇ ଚାକିରି ପାଇଁ ଆବେଦନ କରିଥିବା ଅଭିଯୋଗ ନେଇ ଆଜି ଜଣେ ମହିଳାଙ୍କ ଘରେ ସିବିଆଇ ଚଢ଼ଉ ହୋଇଛି। ଅଭିଯୁକ୍ତ ମହିଳା ଜଣକ ଘରେ ଅନୁପସ୍ଥିତ ଥିବାରୁ ତାଙ୍କ ସ୍ୱାମୀଙ୍କୁ ପଚରାଉଚରା କରିଛି ସିବିଆଇ ଟିମ୍। ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ଏହି ଚଢ଼ଉ ଚାଲିଥିଲା। ତେବେ ଚଢ଼ଉରେ କେଉଁ କାଗଜପତ୍ର କିମ୍ବା ତଥ୍ୟ ହସ୍ତଗତ ହୋଇଛି, ସେ ନେଇ କୌଣସି ସୂଚନା ଦେଇ ନାହାନ୍ତି ସିବିଆଇ ଅଧିକାରୀ। ସୂଚନା ଅନୁସାରେ, ସ୍ଥାନୀୟ ଅରବିନ୍ଦ ନଗରର ଶୁଭଲକ୍ଷ୍ମୀ ପାଲଟା ସିଂ କିଛି ଦିନ ପୂର୍ବେ ଡାକ ବିଭାଗରେ ଚାକିରି ପାଇଁ ଆବେଦନ କରିଥିଲେ। ତେବେ ସେ ଦାଖଲ କରିଥିବା ଶିକ୍ଷାଗତ ପ୍ରମାଣପତ୍ର ଜାଲ ବୋଲି ପରେ ଜଣାପଡ଼ିଥିଲା। ପରେ ସେ ପ୍ରମାଣପତ୍ର ଯାଞ୍ଚକୁ ଯାଇ ନ ଥିଲେ। ସୂଚନାଯୋଗ୍ୟ, ରାଜ୍ୟର ବିଭିନ୍ନ ସ୍ଥାନରେ ମଧ୍ୟ ଏଭଳି ଘଟଣା ଘଟିଥିଲା। ଏ ନେଇ ଅଭିଯୋଗ ହେବା ପରେ ଏହି ଘଟଣାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ଦିଲ୍ଲୀ ସ୍ଥିତ ସିବିଆଇ ଥାନାରେ ଏ ନେଇ ଏକ ମାମଲା ମଧ୍ୟ ରୁଜୁ କରାଯାଇଛି। ଏହି ମାମଲା ପରିପ୍ରେକ୍ଷୀରେ ଆଜି ଦିଲ୍ଲୀରୁ ଡିଏସପି ରାକେଶ କୁମାରଙ୍କ ନେତୃତ୍ୱରେ ସିବିଆଇର ଏକ ଟିମ୍ ଆସି ଶୁଭଲକ୍ଷ୍ମୀଙ୍କ ଘରେ ଚଢ଼ଉ କରିଥିଲେ। ଦୀର୍ଘ ସମୟ ଧରି ଘରେ ଛାନବିନ୍ କରିବା ସହ ତାଙ୍କ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ବାରିକଙ୍କୁ ପଚରାଉଚରା କରିଥିଲେ ସିବିଆଇ ଅଧିକାରୀ।

### କାର୍ଯ୍ୟରେ ଲାଗୁନି ୮୦ ଲକ୍ଷର ପ୍ରକଳ୍ପ

## ପାଣି ପାଇଁ ଗାଁ ଲୋକ ଉହକବିକଳ

**ଦିଗପହଣ୍ଡି,୧୩।୬(ସମିସ):** ୮୦ ଲକ୍ଷ ଟଙ୍କା ବିନିଯୋଗରେ ନିର୍ମାଣ ହୋଇଛି ପାନୀୟ ଜଳ ପ୍ରକଳ୍ପ। ପ୍ରକଳ୍ପ ପାଖରେ ବୋର୍‌ୱେଲ ମଧ୍ୟ ଖୋଳାଯାଇଛି। ପାଣିର କୌଣସି ସମସ୍ୟା ନାହିଁ। ଗାଁ ମଧ୍ୟରେ ପାଇପ୍ ଲାଇନବିଛାକାର୍ଯ୍ୟ ସରିଛି। କିନ୍ତୁ ଜଳଯୋଗାଣ ହେଉନାହିଁ। ଦୁଇ ବର୍ଷ ତଳେ ନିର୍ମାଣ ହୋଇଥିବା ଏହି ଜଳଯୋଗାଣ ପ୍ରକଳ୍ପ କୌଣସି କାର୍ଯ୍ୟରେ ଲାଗୁନାହିଁ। ଅନ୍ୟପକ୍ଷରେ ଗ୍ରାମବାସୀ ପାନୀୟ ଜଳ ପାଇଁ ଆଉଟୁପାଉଟୁ ହେଉଛନ୍ତି। ଦିଗପହଣ୍ଡି ବ୍ଲକ କୋଟିନଡା ପଞ୍ଚାୟତ ଅନ୍ତର୍ଗତ ଡଙ୍କାରୀ ଗ୍ରାମରେ ଏଭଳି ସ୍ଥିତି ଲାଗି ରହିଛି। ଗ୍ରାମ୍ୟ ଜଳ ଓ ପରିମଳ ବିଭାଗୀୟ ଯନ୍ତ୍ରୀଙ୍କର କାଳକ୍ଷେପଣ ନୀତି ଯୋଗୁଁ ପ୍ରକଳ୍ପର ଅଗ୍ରଗତି ଘଟିପାରୁନାହିଁ ବୋଲି ଡଙ୍କାରୀ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମବାସୀ ଅନେକଥର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷକଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ଗ୍ରାମର କାମା ଗୌଡ଼, ସନ୍ତୋଷ କୁମାର ଗୌଡ଼, କାଶୀନାଥ ଗୌଡ଼ ପ୍ରମୁଖ ଅଭିଯୋଗ କରିଛନ୍ତି। ଦିଗପହଣ୍ଡି ବ୍ଲକ ପାଇଁ ଜକମେରୀପଲ୍ଲୀ ଗ୍ରାମ ପାଶ୍ୱର୍ ଦେଇ ଯାଇଥିବା ଘୋଡାହାଡ ଓ ରାମନଦୀ ସଙ୍ଗମ ସ୍ଥଳରେ ୬୦ କୋଟି ଟଙ୍କା ବିନିଯୋଗରେ ଏକ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ନିର୍ମାଣ ଚାଲିଛି। ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହେଲେ ବ୍ଲକର ପ୍ରତ୍ୟେକ ଗ୍ରାମରେ ନିର୍ମାଣ ହୋଇଥିବା ଓଭର୍‌ହେଡ୍ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ଯନ୍ତ୍ରୀ ଡଙ୍କାରୀ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଉଛନ୍ତି। ଏଭଳି ପାନୀୟ ଜଳ ଯୋଗାଣ ନେଇ ଅନିଶ୍ଚିତତା ଦେଖାଦେଇଛି। ତେଣୁ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।



